# ECHO OF HIS CALL

ECHO OF HIS CALL
REACHING NATIONS
SINCE 1969
1969 20 2029

## ଆହ୍ୱାନର ପ୍ରତିଧ୍ୱନି

ODIA

*India's National Spiritual Newspaper*

₹ 10/-

Published monthly in ENGLISH, TAMIL, MALAYALAM, TELUGU, HINDI, KANNADA, MARATHI, BENGALI, GUJARATI, ODIYA, ASSAMESE, PUNJABI, NEPALI, URDU, SINHALA & AFRIKAN

Editor : S. SAM SELVA RAJ | 16 Languages | Associate Editor : Sis. SURAMA SAMUEL

**Vol. XXVII** YEAR OF OUR LORD JESUS CHRIST, 2025 DECEMBER **No.10**


### ପବିତ୍ର ବାଇବଲ

(ଏହି ଭାଗଟିକୁ ମୁଖସ୍ଥ କରନ୍ତୁ)

(ଯିଶାଇୟ ୯:୨–୬)

୨ ଯେଉଁ ଗୋଷ୍ଠୀ ଅନ୍ଧକାରରେ ଭ୍ରମଣ କଲେ, ସେମାନେ ମହାଆଲୁଅ ଦେଖିଅଛନ୍ତି ; ଯେଉଁମାନେ ମୃତ୍ୟୁଚ୍ଛାୟାରୂପ ଦେଶରେ ବାସ କଲେ, ସେମାନଙ୍କ ଉପରେ ଦୀପ୍ତି ଉଦିତ ହୋଇଅଛି ।

୩ ତୁମ୍ଭେ ସେହି ଦେଶୀୟ ଲୋକଙ୍କୁ ବହୁସଂଖ୍ୟକ କରି ସେମାନଙ୍କର ଆନନ୍ଦ ବୃଦ୍ଧି କରିଅଛ; ସେମାନେ ଶସ୍ୟ ଛେଦନର ଆନନ୍ଦ ପ୍ରାୟ ଆନନ୍ଦ କରନ୍ତି, ଲୁଟ ବିଭାଗ କରିବା ସମୟର ତୁଲ୍ୟ ଉଲ୍ଲାସିତ ହୁଅନ୍ତି,

୪ କାରଣ ମିଦୀୟନର ଦିନରେ ଯେପରି, ସେପରି ତୁମ୍ଭେ ତାହାର ଭାର ସ୍ୱରୂପ ଯୁଆଳି ଓ ତାହାର ସ୍କନ୍ଧସ୍ଥିତ ବାଡ଼ି, ତାହାର ଉପଦ୍ରବକାରୀର ଦଣ୍ଡ ଭାଙ୍ଗି ପକାଇଅଛ ।

୫ ଏହେତୁ କଳହରେ ସଜ୍ଜିତ ଲୋକର ସମସ୍ତ ଅସ୍ତ୍ରଶସ୍ତ୍ର ଓ ରକ୍ତରେ ଜଡ଼ିତ ବସ୍ତ୍ରସବୁ ଜ୍ୱଳନୀୟ ଦ୍ରବ୍ୟ, ଅଗ୍ନି ପାଇଁ କାଷ୍ଠ ସ୍ୱରୂପ ହେବ ।

୬ କାରଣ ଆମ୍ଭମାନଙ୍କ ନିମନ୍ତେ ଏକ ବାଳକ ଜନ୍ମିଅଛନ୍ତି, ଆମ୍ଭମାନଙ୍କୁ ଏକ ପୁତ୍ର ଦତ୍ତ ହୋଇଅଛନ୍ତି ଓ ତାହାଙ୍କ ସ୍କନ୍ଧରେ କର୍ତ୍ତୃତ୍ୱଭାର ଥୁଆଯିବ; ପୁଣି, ତାହାଙ୍କର ନାମ ଆଶ୍ଚର୍ଯ୍ୟ, ମନ୍ତ୍ରୀ, ପରାକ୍ରାନ୍ତ ପରମେଶ୍ୱର, ଅନନ୍ତକାଳୀନ ପିତା, ଶାନ୍ତିରାଜା ହେବ ।

## ସତ୍ୟ ଜ୍ୟୋତିଃ ଯୀଶୁ ଖ୍ରୀଷ୍ଟ ଆପଣଙ୍କର ଅନ୍ଧକାରକୁ ଦୂର କରିବେ !

**THE TRUE LIGHT JESUS CHRIST WILL REMOVE YOUR DARKNESS!**

ଭଉଣୀ ଆଞ୍ଜେଲ୍

ଆମର ''ଆହ୍ୱାନର ପ୍ରତିଧ୍ୱନି ସଂପ୍ରସାରିତ ପରିବାରର ସମସ୍ତଙ୍କୁ ଆମର ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ଆନନ୍ଦମୟ ବଡ଼ଦିନ ପାଇଁ ଶୁଭେଚ୍ଛା ଜଣାଉଅଛୁ ।



ଆମେ ବଡ଼ଦିନ ପାଳନ କରିବା ଉଚିତ୍ କି ନୁହେଁ – ଯୀଶୁ ଖ୍ରୀଷ୍ଟ ପ୍ରକୃତରେ ଡିସେମ୍ବର ୨୫ ତାରିଖରେ ଜନ୍ମ ହୋଇଥିଲେ କି ନାହିଁ – ଏ ବିଷୟରେ ଅନେକ ଲୋକ ତର୍କ ବିତର୍କ କରନ୍ତି । କିନ୍ତୁ, ତାହା ଆମର ମୁଖ୍ୟ ବିଷୟ ନୁହେଁ । ସେ ଯେ ଜନ୍ମ ହୋଇଥିଲେ – ଏହା ଅଖଣ୍ଡନୀୟ ଅଟେ – ଈଶ୍ୱର ଏକ ଶିଶୁ ଭାବରେ ଏହି ପୃଥିବୀକୁ ଆସିଥିଲେ, ଆମର ପରିତ୍ରାଣ ପାଇଁ ମୃତ୍ୟୁବରଣ କରିବା ପାଇଁ ନିରୂପିତ ଥିଲେ । ଆସନ୍ତୁ, ଏହି ସମୟଟିକୁ ଏହା ଘୋଷଣା କରିବାର ,ଏକ ସୁଯୋଗ ଭାବରେ ବ୍ୟବହାର କରିବା ଯେ ଯୀଶୁ ଖ୍ରୀଷ୍ଟ ହିଁ ଏହି ସମୟର କାରଣ ଅଟନ୍ତି ।

ବଡ଼ଦିନ କିଣାକିଣି, ସାଜସଜ୍ଜା, ସାନ୍ତାକ୍ଲଜ୍, କିମ୍ବା ପର୍ବ ଓ ପରଂପରା ସମ୍ବନ୍ଧୀୟ ନୁହେଁ । ଏହା ଯୀଶୁ ଖ୍ରୀଷ୍ଟଙ୍କ ଜନ୍ମର ପ୍ରକୃତ ଉଦ୍ଦେଶ୍ୟକୁ ପ୍ରକାଶ କରିବା ଓ ଅନ୍ୟମାନଙ୍କୁ ଜଣାଇବା ସମ୍ବନ୍ଧୟ ଅଟେ ।

(ଅବଶିଷ୍ଟାଂଶ ଶେଷ ପୃଷ୍ଠାରେ)




ଆହ୍ୱାନର ପ୍ରତିଧ୍ୱନିର

ୟୁ–ଟ୍ୟୁବ୍ ଖ୍ରୀଷ୍ଟିଆନ ଚ୍ୟାନେଲ !

ଆପଣମାନେ ପାଳକ ଏସ୍. ସାମ୍. ସେଲ୍‌ଭାରାଜ୍‌ଙ୍କ ସହିତ

୫ ମିନିଟ୍‌ର ବାର୍ତ୍ତା !!

ଇଂରାଜୀ, ହିନ୍ଦୀ, ତାମିଲ ଏବଂ ତେଲୁଗୁ

ପ୍ରତିଦିନ ଭୋର ୨ ଟାରେ

ତାମିଲ ରବିବାର ଉପାସନା – ସକାଳ ୮.୩୦ରେ

★ Please Subscribe and Share ★

ECHO OF HIS CALL REACHING NATIONS SINCE 1969
1969 TO 2029
ECHO OF HIS CALL - (Marching towards 60th year)
Estd. 1969



# ଆପଣମାନଙ୍କର ପ୍ରିୟ ଭାଇଙ୍କଠାରୁ ...





"କିନ୍ତୁ କାଳ ସଂପୂର୍ଣ୍ଣ ହୁଅନ୍ତେ ଈଶ୍ୱର ଆପଣା ନିକଟରୁ ନିଜ ପୁତ୍ରଙ୍କୁ ପ୍ରେରଣ କଲେ, ସେ ସ୍ତ୍ରୀ ଜାତ ହୋଇ ବ୍ୟବସ୍ଥାଧୀନ ହେଲେ" (ଗାଲାତୀୟ ୪:୬) ।

ପ୍ରଭୁରେ ପ୍ରିୟ ବନ୍ଧୁଗଣ,

ଈଶ୍ୱରଙ୍କ ଅନୁଗ୍ରହ ଦ୍ୱାରା, ଆମେ ଏହି ବର୍ଷର ଶେଷ ମାସରେ ପ୍ରବେଶ କରିଅଛୁ । ଯେଉଁ ପ୍ରଭୁ ଆମର ସେବାକାର୍ଯ୍ୟରେ ଆମକୁ ନିରନ୍ତର ଧରି ରଖିଛନ୍ତି, ଚାଳନା ଦେଉଛନ୍ତି ଓ ଶକ୍ତିଯୁକ୍ତ କରିଛନ୍ତି, ସେ ଉତ୍ତମ ଓ ଆମର ସମସ୍ତ ପ୍ରଶଂସାର ଯୋଗ୍ୟ ଅଟନ୍ତି ।

ଆମର ମଣ୍ଡଳୀର ନେତାମାନେ, ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟର କର୍ମଚାରୀମାନେ, ନିହିମିୟା ବାଇବଲ କଲେଜର ଅଧ୍ୟାପକମାନେ, ସେଣ୍ଟ ପଲ୍ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ ଓ ଛାପାଖାନାର କର୍ମଚାରୀମାନେ ପ୍ରାର୍ଥନାର ସହିତ ଓ ଉଦ୍ଯୋଗପୂର୍ଣ୍ଣ ଭାବରେ ଆଗାମୀ ବର୍ଷରେ ଆମ ସେବାକାର୍ଯ୍ୟର ସଂପ୍ରସାରଣ ପାଇଁ ଯୋଜନା କରୁଛନ୍ତି ।



ମୁଖ୍ୟ ଉପାସନାଳୟରେ ଯୁବ ସେବାକାର୍ଯ୍ୟର ନେତାମାନେ

ସେଣ୍ଟ ପଲ୍ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲର ଅନେକ ଛାତ୍ର ଶାରୀରିକ କଷ୍ଟ ଓ ଅନ୍ୟ କଷ୍ଟକର ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି । ସେମାନଙ୍କ ପୃଷ୍ଠଭୂମି ବିଷୟରେ ଜାଣିବା, ପ୍ରାୟତଃ, ହୃଦୟ ବିଦାରକ ଅଟେ । ତଥାପି, ଆମର ଶିକ୍ଷକମାନେ ଅତିଦୟା ଓ ସମର୍ପଣର ସହିତ ସେମାନଙ୍କୁ ଶିକ୍ଷା ଦେବା, ପ୍ରତିପାଳନ କରିବା ଓ ସେମାନଙ୍କର ଯତ୍ନ ନେବା ଅବ୍ୟାହତ ରଖିଛନ୍ତି ।



*Speech by Sister Dr. Renuka on Children's Day at our St. Paul's Matriculation School*

ଆମ ମଣ୍ଡଳୀର କର୍ମଚାରୀମାନେ ଆନ୍ତରିକ ସମର୍ପଣର ସହିତ ବିଶ୍ୱସ୍ତଭାବେ ପ୍ରଭୁଙ୍କର ସେବା କରୁଛନ୍ତି । ନିର୍ଦ୍ଦିଷ୍ଟ ଭାବରେ, ଆମର ମହିଳା ପ୍ରାର୍ଥନା ଦଳ, ପୁରୁଷ ପ୍ରାର୍ଥନା ଦଳ, ରାତ୍ରି ପ୍ରାର୍ଥନା ଦଳ, ଉପବାସ ପ୍ରାର୍ଥନା ଦଳ, ସଣ୍ଡେସ୍କୁଲ ଶିକ୍ଷକମାନଙ୍କର ଦଳ, ୟୁ-ଟ୍ୟୁବ୍ ସେବାକାର୍ଯ୍ୟର ଦଳ ଓ ପ୍ରଶାସନିକ କର୍ମଚାରୀମାନେ ଆମ ଦେଶର ତାରଣ ପାଇଁ ଓ ଆମ ସେବାକାର୍ଯ୍ୟର ନିରବଚ୍ଛିନ୍ନ ଅଭିବୃଦ୍ଧି ପାଇଁ ଆନ୍ତରିକ ଭାବରେ ପ୍ରାର୍ଥନା କରୁଛନ୍ତି । ଏହି ପ୍ରାର୍ଥନା ସେବାକାର୍ଯ୍ୟରେ ଆମ ସହିତ ଯୋଗ ଦେବା ପାଇଁ ଆମେ ଆପଣମାନଙ୍କୁ ସାଦର ଆହ୍ୱାନ କରୁଅଛୁ ।

## ଆମର ମିଶନ ପଲିସୀ

ଆମେ ପ୍ରାଚୀନ ଓ ଆଦ୍ୟ ପ୍ରେରିତମାନଙ୍କର ଅନିଶ୍ଚିତ ଶିକ୍ଷା ସମସାମୟିକ ଯୁଗକୁ ଜଣାଇବା ଉଚିତ ।

HON. EDITOR-IN-CHIEF
Rev. Dr.Angeline S. Kumari, M.A., M.Sc., M.Ed.
EX MANAGING EDITOR
Pastor Alex Samson Sam, B.Th., M.Div.
GENERAL MANAGER
Bro. N. Prakasam, M.A., M.Sc.(C&P), PGDHRM, MBA.
ADMINISTRATION
Sis. Jesy Veena Sam
Adv. K. Puratchivendan, M.Com., C.A., B.L.
Dr. P.E.R. Premchand, M.Sc., M.A., M.Ed., Ph.D.
Dr. C.G.S. Baburao, B.Tech., M.Tech. (DM), Ph.D.
Dr. Rabinder Boaz, M.S. (CMC)
EDITORIAL BOARD
Dr. Serena Bevin, M.A., M.Phil., B.Ed.
Sis. Sajini Cherian
Rev. Dr. K.R. Rajasekaran
Rev. Dr. William Robert, Ph.D., DD, D.Lit.

EDITOR, PUBLISHER & PRINTER

Pastor S. SAM SELVA RAJ
Echo of His Call Printers
10, Mohammed Abdullah 2nd Street,
Chepauk, Chennai- 600 005, India.
Phone : (+ 91- 44) 2852 8282, 2852 9293, 2854 7766
Cell : (+91) 98410 71852, 98412 71858 95661 31858
E.MAIL
sam@echoofhiscall.org
biblecor@yahoo.co.in
WEBSITES
www.echoofhiscall.org
www.stpaulsmatriculation.org
YOUTUBE CHANNEL
Echo of His Call

**Our Ministries:** ▢ ECHO OF HIS CALL Monthly Magazines (16 languages) ▢ BIBLECOR - Postal Courses (3 languages) ▢ YouTube Ministry ▢ Online Courses ▢ Theological Correspondence Courses (2 languages) ▢ Church Planting ▢ Nehemiah Bible Colleges ▢ Gospel Printing Press ▢ Great Commission Partners ▢ St. Paul's Matriculation School ▢ Crusades ▢ Community Development



ଉପବାସ ପ୍ରାର୍ଥନା

ଏହି ମାସ ସାରା, ଆମେ ଅପହଞ୍ଚ ଅଞ୍ଚଳରେ ପହଞ୍ଚିବା ପାଇଁ ଓ ସ୍ୱର୍ଗୀୟ ଜୀବନର ପରିପୂର୍ଣ୍ଣତା ମଧ୍ୟକୁ ସେମାନଙ୍କୁ କଢ଼ାଇ ନେବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମର ଯୋଜନା କରିଅଛୁ । ଆମେ ଏହିସବୁ ପ୍ରଚେଷ୍ଟା ପାଇଁ ଅତି ଆଗ୍ରହର ସହିତ ଆପଣମାନଙ୍କର ପ୍ରାର୍ଥନା ଆବଶ୍ୟକ କରୁଅଛୁ ।

ଆମେ ୨୦୨୫ ର ବର୍ଷ ସାରା ଆପଣମାନଙ୍କର ବିଶ୍ୱସ୍ତ ପ୍ରାର୍ଥନା, ମାସିକ ଅର୍ଥ ସହାୟତା ଓ ଉଦାର ଦାନ ନିମନ୍ତେ ଆପଣମାନଙ୍କ ପ୍ରତି ଗଭୀର ଭାବେ କୃତଜ୍ଞ ଅଟୁ । ସେବାକାର୍ଯ୍ୟରେ, ଆପଣମାନଙ୍କର ସାଥୀତ୍ୱ ଏକ ବଡ଼ ଆଶୀର୍ବାଦ ହୋଇ ରହିଛି । ଆମେ ଆପଣମାନଙ୍କର ନିରନ୍ତର ପ୍ରାର୍ଥନା ଓ ଆଗାମୀ ଦିନ ଗୁଡ଼ିକରେ ଆପଣମାନଙ୍କର ସହାୟତା ନିମନ୍ତେ ଆପଣମାନଙ୍କୁ ଉତ୍ସାହିତ କରୁଅଛୁ ।

ଆମେ ଏହି ଆନନ୍ଦପୂର୍ଣ୍ଣ ସମୟଟିକୁ ପାଳନ କରିବାକୁ ଯାଉଥିବା ସମୟରେ, ଆପଣମାନଙ୍କୁ ଏକ ଆନନ୍ଦମୟ ବଡ଼ଦିନ ଓ ଏକ ଆଶାପୂର୍ଣ୍ଣ ନୂତନବର୍ଷ-୨୦୨୬ ପାଇଁ ଶୁଭକାମନା ଜଣାଉଅଛୁ ।

ଆମର ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର ଅନୁଗ୍ରହ ଆପଣମାନଙ୍କର ସହବର୍ତ୍ତୀ ହେଉ ।

ଖ୍ରୀଷ୍ଟ ଯୀଶୁରେ, ଆପଣମାନଙ୍କର ସେବକ,

ପାଳକ ଏସ୍.ସାମ୍.ସେଲ୍ଭାରାଜ E.mail : sam@echoofhiscall.org

(୧ମ ପୃଷ୍ଠାର ଅବଶିଷ୍ଟାଂଶ)

"ବିଜାତିମାନଙ୍କ (ସମସ୍ତ ଲୋକଙ୍କ) ପ୍ରତି ସତ୍ୟ ପ୍ରକାଶକ ଜ୍ୟୋତି..." (ଲୂକ ୨:୩୨) । ଯୀଶୁ ଖ୍ରୀଷ୍ଟ ନିଜେ ପ୍ରକାଶ କରିଥିଲେ ।

"ମୁଁ ଯେ ପର୍ଯ୍ୟନ୍ତ ଜଗତରେ ଅଛି, ସେ ପର୍ଯ୍ୟନ୍ତ ମୁଁ ଜଗତର ଜ୍ୟୋତିଃ" (ଯୋହନ ୯:୫) । ସେଥିପାଇଁ, ବଡ଼ଦିନ ଏହା ମହାଜ୍ୟୋତିଃ ସମ୍ବନ୍ଧୀୟ ଏକ ଉତ୍ସବ ଅଟେ ।

ଆସନ୍ତୁ, ଏହି ଜ୍ୟୋତିଙ୍କ ବିଷୟରେ ବାଇବଲ ଯାହା କହିଛି, ତାହା ଦେଖିବା :

"ପୃଥିବୀ ନିର୍ଜ୍ଜନ ଓ ଶୂନ୍ୟ ଥିଲା, ଆଉ ଗଭୀର ଜଳ ଉପରେ ଅନ୍ଧକାର ଥିଲା । ପୁଣି ପରମେଶ୍ୱରଙ୍କ ଆତ୍ମା ଜଳ ଉପରେ ବ୍ୟାପ୍ତ ଥିଲେ" (ଆଦିପୁସ୍ତକ ୧:୨) । ଆଦ୍ୟରେ ମଧ୍ୟ, ପୃଥିବୀକୁ ଅନ୍ଧକାର ଆଚ୍ଛନ୍ନ କରିଥିଲା- ମାତ୍ର ଈଶ୍ୱରଙ୍କ ଆତ୍ମା ଏହା ଉପରେ ବ୍ୟାପ୍ତ ଥିଲେ – ଅସ୍ପୃଶ୍ୟ ଓ ଅଟଳ ।

"ସେହି ଜ୍ୟୋତିଃ ଅନ୍ଧକାରରେ ଜାଜ୍ଜ୍ୱଲ୍ୟମାନ ହୋଇ ଆସିଅଛି, ଆଉ ଅନ୍ଧକାର ତାହା ଗ୍ରହଣ କରି ନାହିଁ" (ଯୋହନ ୧:୫) ।

## ଅନ୍ୟ ଅନୁବାଦ ଏହି ବାକ୍ୟଟିକୁ ସୁନ୍ଦରଭାବେ ପ୍ରକାଶ କରିଛନ୍ତି :

"ଅନ୍ଧକାର ଏହାକୁ ଆଦୌ ନିର୍ବାପିତ କରିପାରେ ନାହିଁ" । (NLT)

"ଅନ୍ଧକାର ଏହାକୁ ଆଦୌ ନିର୍ବାପିତ କରିପାରେ ନାହିଁ" । (KJV)

"ଅନ୍ଧକାର ଏହାକୁ ବୁଝି ନ ଥିଲା କିମ୍ବା ଜୟ କରି ପାରି ନ ଥିଲା" । (AMP)



ଆଲୋକରୁ ପଳାୟନ କରୁଥିବା ଅନ୍ଧକାର

ଯେଉଁଠାରେ ଆଲୋକ ଦେଖାଦିଏ, ସେଠାରେ ଅନ୍ଧକାର ଅଦୃଶ୍ୟ ହୋଇଯାଏ । ଦୁହିଁଙ୍କ ମଧ୍ୟରେ କୌଣସି ସଂଘର୍ଷ ନ ଥାଏ – ଆଲୋକ ସର୍ବଦା ଜୟଯୁକ୍ତ ହୁଏ ।

## ୧. ପାପ ମଧ୍ୟରେ ଆଲୋକ ପ୍ରକାଶ ପାଇଛି

ପାପ ମନୁଷ୍ୟ ଜାତିକୁ ଈଶ୍ୱରଙ୍କଠାରୁ ପୃଥକ୍ କରିଥିଲା । ସମସ୍ତେ ତାଙ୍କ ମହିମାରୁ ଊଣା ପଡ଼ିଥାʼନ୍ତି । ସୃଷ୍ଟିର ପ୍ରକୃତ ଉଦ୍ଦେଶ୍ୟ, ଯଥା – ଈଶ୍ୱର ଓ ମନୁଷ୍ୟ ମଧ୍ୟରେ ସହଭାଗିତା ଏଦନ ଉଦ୍ୟାନରେ ଛିନ୍ନ ହୋଇଥିଲା ଓ ଏହାଦ୍ୱାରା ଈଶ୍ୱର ଓ ମନୁଷ୍ୟଜାତି ମଧ୍ୟରେ ଏକ ବଡ଼ ବ୍ୟବଧାନ ସୃଷ୍ଟି ହୋଇଥିଲା ।

କୌଣସି ପରିମାଣର ପଶୁ ବଳି ଆମ ପାପ ପାଇଁ ପ୍ରକୃତରେ ପ୍ରାୟଶ୍ଚିତ କରିପାରି ନ ଥିଲା । କେବଳ ଈଶ୍ୱରଙ୍କର ନିଖୁତ ମେଷଶାବକ, ଯୀଶୁ ଖ୍ରୀଷ୍ଟଙ୍କର ଆଗମନ ଓ ବଳିଦାନ ପିତାଙ୍କ ସହିତ ଆମକୁ ପୁନର୍ମିଳିତ କରାଇ ପାରିଥିଲା ।

ଯୀଶୁ ଈଶ୍ୱରଙ୍କ ସହିତ ଆମକୁ ପୁନର୍ମିଳିତ କରିବା ପାଇଁ – ପାପ ଦ୍ୱାରା ସୃଷ୍ଟ ଭଗ୍ନ ସଂପର୍କକୁ ସଜାଡ଼ିବା ପାଇଁ ଏହି ଜଗତ ମଧ୍ୟକୁ ଆସିଥିଲେ । ତାଙ୍କର ବହୁମୂଲ୍ୟ ରକ୍ତ ମାଧ୍ୟମରେ, ଆମେ ବର୍ତ୍ତମାନ ଭୟ କିମ୍ବା ଦ୍ୱନ୍ଦ୍ୱ ବିନା ଈଶ୍ୱରଙ୍କ ସମ୍ମୁଖକୁ ଆସିବାର ଅଧିକାର ପାଇଛୁ ।


# ଅତି ଜରୁରୀ ବିଜ୍ଞାପନ




ନିକଟ ଭବିଷ୍ୟତ୍‌ରେ "ଆହ୍ୱାନର ପ୍ରତିଧ୍ୱନି"କୁ ଡାକ ଯୋଗେ ପ୍ରେରଣ କରିବାରେ ବାଧା ସୃଷ୍ଟି ହୋଇପାରେ । ଯଦି ଆପଣମାନେ ବିନା ବାଧାରେ ଆହ୍ୱାନର ପ୍ରତିଧ୍ୱନି ପତ୍ରିକା ପାଇବାକୁ ଇଚ୍ଛା କରୁଛନ୍ତି, ତେବେ ଦୟାକରି ଆମକୁ ଆପଣମାନଙ୍କର ନାମ, ଠିକଣା, ଇ-ମେଲ ଓ ହ୍ୱାଟସ୍ଆପ୍ ନମ୍ବର, ପତ୍ର, ଇ-ମେଲ, ଫୋନ୍ କିମ୍ବା ଏସ୍ଏମ୍ଏସ୍/ ହ୍ୱାଟସ୍ଆପ୍ ମେସେଜ୍ ମାଧ୍ୟମରେ ଅତିଶୀଘ୍ର ପ୍ରେରଣ କରନ୍ତୁ । ଆପଣମାନଙ୍କ ସାହାଯ୍ୟ ଉତ୍କୃଷ୍ଟତର ସେବା କରିବାରେ ଆମକୁ ସାହାଯ୍ୟ କରିବ ।

ଆମର ଠିକଣା :

**ECHO OF HIS CALL,**
**10, Mohammed Abdullah 2nd Street, Chepauk, Chennai-600 005, India**
**Cell: (+91) 98412 71858 / 98410 71858 E.mail: sam@echoofhiscall.org**



*ଆମେ ଈଶ୍ୱରଙ୍କର ଆଲୋକ ଆବଶ୍ୟକ କରୁ*

ଶୟତାନ ମିଥ୍ୟା ଚିନ୍ତାଧାରା ଓ ଜାଗତିକ ବିଭ୍ରାନ୍ତି ଦ୍ୱାରା ଅନେକଙ୍କର ମନକୁ ଅନ୍ଧ କରି ଦେଉଛି । ଏହି ଆତ୍ମିକ ଅନ୍ଧକାରକୁ ଦୂର କରିବା ପାଇଁ, ଆମେ ଈଶ୍ୱରଙ୍କ ଆଲୋକ ଆବଶ୍ୟକ କରୁ । ଜଗତ ଯେଉଁ ବିଷୟଗୁଡ଼ିକୁ "ସ୍ୱାଭାବିକ" ବୋଲି କହେ, ସେଗୁଡ଼ିକ ମଧ୍ୟରୁ ଅନେକ ଈଶ୍ୱରଙ୍କ ସତ୍ୟର ବିରୋଧ କରେ ।

ପ୍ରଭୁ ଆମ ହୃଦୟ ମଧ୍ୟକୁ ତାଙ୍କର ଆଲୋକ ପ୍ରଦାନ କରି ଆମର ଓ ତାଙ୍କ ମଧ୍ୟରେ ବର୍ତ୍ତମାନ ଥିବା ଯେ କୌଣସି ବିଷୟକୁ ପ୍ରକାଶ କରନ୍ତୁ ଯେପରିକି ଆମେ ପୁନଃସ୍ଥାପିତ ସହଭାଗିତାରେ ଚାଲିପାରିବା ।

## ୨. ଆଲୋକ ଅନ୍ଧକାର ମଧ୍ୟରେ ପ୍ରକାଶ ପାଉଛି

ଆମେ ଯେଉଁ ସ୍ଥାନ ପ୍ରତି ଦୃଷ୍ଟିପାତ କରୁ, ସେଠାରେ ଅନ୍ଧକାର, ଅର୍ଥାତ୍ ଯୁଦ୍ଧ, ଦାରିଦ୍ର୍ୟ, ଦୁର୍ନୀତି, ଅପରାଧ, ଘୃଣା ଓ ନୈତିକ ଅବକ୍ଷୟ ଦେଖୁ । ଯୁବା ଯୁବତୀମାନେ ବିଷାଦଗ୍ରସ୍ତ ଥାଆନ୍ତି, ଏପରିକି କେତେ ଜଣ ଆତ୍ମହତ୍ୟା କରିଥାଆନ୍ତି । ସମାଜ ପାପକୁ ମହିମା ମଣ୍ଡିତ କରେ ଓ ଧାର୍ମିକତା ପ୍ରତି ଉପହାସ କରେ । ଏପରି ଅନୁଭବ ହୁଏ ଯେପରି ଜଗତ ଦିନକୁ ଦିନ ଅନ୍ଧକାରମୟ ହେବାରେ ଲାଗିଛି ।

ଆମେ ପ୍ରାୟ ଲୋକମାନଙ୍କୁ ଏହା କହୁଥିବାର ଶୁଣୁ, "ଆମ ସମୟରେ ସବୁକିଛି ଭିନ୍ନ ଥିଲା" । ଶିକ୍ଷା, ଯାନ୍ତ୍ରିକ ବିଦ୍ୟା ଓ କୌତୁହଳ ଅନେକ ଦ୍ୱାର ଖୋଲି ଦେଉଛି – ମାତ୍ର ସେଗୁଡ଼ିକ ସବୁ ଈଶ୍ୱରଙ୍କଠାରୁ ଆସି ନାହିଁ ।

ବାଇବଲ ଆମକୁ ଏହି ଶେଷକାଳ ବିଷୟରେ ସତର୍କ କରି ଦେଉଛି :

"...ଶେଷ କାଳରେ ଭୀଷଣ ସମୟ ଉପସ୍ଥିତ ହେବ, କାରଣ ଲୋକମାନେ ଆତ୍ମ ପ୍ରିୟ, ଧନଲୋଭୀ, ଆତ୍ମଗର୍ବୀ, ଅହଙ୍କାରୀ, ନିନ୍ଦକ, ପିତାମାତାଙ୍କର ଅବାଧ୍ୟ, ଅକୃତଜ୍ଞ, ଅପବିତ୍ର, ସ୍ନେହଶୂନ୍ୟ, ଅମିଳନପ୍ରିୟ, ଅପବାଦକ, ଅଜିତେନ୍ଦ୍ରିୟ, ପ୍ରଚଣ୍ଡ, ଉତ୍ତମ ବିଷୟର ଘୃଣାକାରୀ, ବିଶ୍ୱାସଘାତକ, ଦୁଃସାହସୀ, ଦାମ୍ଭିକ ହେବେ ଓ ଈଶ୍ୱର ପ୍ରିୟ ନ ହୋଇ ବରଂ ବିଳାସପ୍ରିୟ ହେବେ, ସେମାନେ ଭକ୍ତିର ବେଶ ଧରନ୍ତି, କିନ୍ତୁ ସେଥିର ଶକ୍ତିକୁ ଅସ୍ୱୀକାର କରନ୍ତି । ଏପରି ଲୋକମାନଙ୍କଠାରୁ ଅନ୍ତର ହୁଅ" (୨ ତୀମଥି ୩:୧–୫)।

ଏହି ନୈତିକ ପତନକୁ ବର୍ଣ୍ଣନା କରିବା ପରେ, ପାଉଲ ଯୋଗ କରିଛନ୍ତି, "ଏହି ପ୍ରକାର ଲୋକମାନଙ୍କ ସହିତ କୌଣସି ସଂପର୍କ ରଖିବା ଉଚିତ୍ ନୁହେଁ ।"

ଏପରିକି ଯେତେବେଳେ ଜଗତ କ୍ରମଶଃ ଅନ୍ଧକାର ହେଉଅଛି, ସେତେବେଳେ ମଧ୍ୟ ଆମକୁ ଈଶ୍ୱରଙ୍କ ଗୌରବ ନିମନ୍ତେ ଆଲୋକ ବିକିରଣ କରିବାକୁ ହେବ ।



*ଅନ୍ଧକାରରେ ବାସ କରୁଥିବା ଲୋକମାନେ ଏକ ମହା ଆଲୁଅ ଦେଖିଛନ୍ତି ।*

"ଅନ୍ଧକାରବାସୀ ଲୋକେ ମହା ଆଲୋକ ଦର୍ଶନ କଲେ, ଆଉ ମୃତ୍ୟୁର ଅଞ୍ଚଳ ଓ ଛାୟାରେ ଅବସ୍ଥିତ ଲୋକଙ୍କ ନିମନ୍ତେ ଆଲୋକ ଉଦିତ ହେଲା" (ମାଥିଉ ୪:୧୬) ।

ଏହି ବଡ଼ଦିନ ସମୟରେ, ମୁଁ ଏହି ପ୍ରାର୍ଥନା କରେ ଯେପରି ଈଶ୍ୱର, କେବଳ ଏହି ଜଗତରେ ନୁହେଁ, ମାତ୍ର ଆମ ପରିବାର ଗୁଡ଼ିକରେ, ଆମ ବ୍ୟକ୍ତିଗତ ଜୀବନରେ ଓ ଆମର କାର୍ଯ୍ୟସ୍ଥଳଗୁଡ଼ିକରେ ମଧ୍ୟ ତାଙ୍କର ଆଲୋକ ପ୍ରକାଶ କରିବେ । ସେ ଏହି ଘୋଷଣା କରନ୍ତୁ ଯେ ସେ ଆମ ଜଗତର, ଅର୍ଥାତ୍, ଆମ ଗୃହ, ଆମ ସନ୍ତାନସନ୍ତତି, ଆମର ବିବାହ, ଆମର ଶିକ୍ଷା, ଆମର ସ୍ୱାସ୍ଥ୍ୟ ଓ ଆମର ଅର୍ଥ, ଇତ୍ୟାଦି ପ୍ରତ୍ୟେକ ବିଷୟର ଆଲୋକ ଅଟନ୍ତି ।

ଡାକ୍ତର, ଆତ୍ମୀୟ ସ୍ୱଜନ, ନେତା, କିମ୍ବା ଅଧିକାରୀ, ଅର୍ଥାତ୍ ଯେ କୌଣସି ବ୍ୟକ୍ତିଙ୍କ ଦ୍ୱାରା ଆମ ପ୍ରତି କଥିତ ପ୍ରତ୍ୟେକ ନକାରାତ୍ମକ କଥା ଈଶ୍ୱରଙ୍କ ଆଲୋକ ଦ୍ୱାରା ଭଗ୍ନ ହେଉ !

ଆମେ ନୂତନ ବର୍ଷ ମଧ୍ୟକୁ ଅଗ୍ରସର ହେଉଥିବା ସମୟରେ, ଆସନ୍ତୁ, ଆମେ ଯୀଶୁ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ ଓ ଭରସା ସହିତ ଗମନାଗମନ କରିବା ।

"ଯେଣୁ ତୁମ୍ଭେ ମୋ' ପ୍ରଦୀପ ଜ୍ୱଳାଇବ, ସଦାପ୍ରଭୁ ମୋ' ପରମେଶ୍ୱର ମୋ' ଅନ୍ଧକାରକୁ ଆଲୁଅମୟ କରିବେ" (ଗୀତସଂହିତା ୧୮:୨୮) ।

## ୩. ଭୟ ମଧ୍ୟରେ ଆଲୋକ ପ୍ରକାଶ ପାଏ

ଯେତେବେଳେ ଖ୍ରୀଷ୍ଟ ଜନ୍ମ ସମ୍ବନ୍ଧୀୟ ସୁସମାଚାର ମେଷପାଳକମାନଙ୍କ ନିକଟରେ ଘୋଷିତ ହେଲା, ସେତେବେଳେ ସେମାନେ ଭୟଭୀତ ହୋଇଥିଲେ ।

"ପ୍ରଭୁଙ୍କର ଜଣେ ଦୂତ ସେମାନଙ୍କ ନିକଟରେ ଉପସ୍ଥିତ ହେଲେ, ପୁଣି ପ୍ରଭୁଙ୍କର ଗୌରବ ଜ୍ୟୋତିଃ ସେମାନଙ୍କ ଚତୁର୍ଦ୍ଦିଗରେ ପ୍ରକାଶିତ ହେଲା, ଆଉ ସେମାନେ ଅତିଶୟ ଭୀତଗ୍ରସ୍ତ ହେଲେ । ସେଥିରେ ଦୂତ ସେମାନଙ୍କୁ କହିଲେ, ଭୟ କର ନାହିଁ, ଦେଖ, ମୁଁ ସମସ୍ତ ଲୋକଙ୍କର ଅତ୍ୟନ୍ତ ଆନନ୍ଦଜନକ ସୁସମାଚାର ତୁମ୍ଭମାନଙ୍କୁ ଜଣାଉଅଛି" (ଲୂକ ୨:୯–୧୦)।

ସେମାନେ ରାତ୍ରିର ଆକାଶକୁ ଭେଦ କରିଥିବା ସ୍ୱର୍ଗର ଆଲୋକକୁ ଦେଖିବା ପରେ କିପରି ଭୟଭୀତ ହୋଇଥିବେ, ଏହା କଳ୍ପନା କରନ୍ତୁ ।

ଗାବ୍ରୀଏଲଙ୍କୁ ଦର୍ଶନ କରିବା ସମୟରେ ମରିୟମ ମଧ୍ୟ ଭୟଭୀତ ହୋଇଥିଲେ ।



*ଆଗୋ, ମରିୟମ ଭୟ କର ନାହିଁ*

"ସେ (ମରିୟମ) ... ଅତିଶୟ ଉଦ୍‌ବିଗ୍ନ ହେଲେ... ସେଥିରେ ଦୂତ ତାଙ୍କୁ କହିଲେ, 'ଆଗୋ ମରିୟମ, ଭୟ କର ନାହିଁ" (ଲୂକ ୧:୨୯,୩୦) ।

ଭୟ ବାସ୍ତବ ଅଟେ – ମାତ୍ର ଯୀଶୁ ଖ୍ରୀଷ୍ଟଙ୍କ ଆଲୋକ ପ୍ରକାଶିତ ହେଲେ, ଭୟ ପଳାୟନ କରେ ।

ଆମେ ଈଶ୍ୱରଙ୍କ ଦୃଷ୍ଟିରେ ବହୁମୂଲ୍ୟ ଅଟୁ । ଆସନ୍ତୁ, ଆମେ ଆମର ଭୟକୁ ଦୂର କରିବା ଓ ମରିୟମଙ୍କ ସଦୃଶ ପ୍ରତିକ୍ରିୟା ଦେଖାଇବା :

"ଦେଖନ୍ତୁ, ମୁଁ ପ୍ରଭୁଙ୍କ ଦାସୀ, ଆପଣଙ୍କ ବାକ୍ୟାନୁସାରେ ମୋ' ପ୍ରତି ଘଟୁ..." (ଲୂକ ୧:୩୮) ।

(ପରବର୍ତ୍ତୀ ଅଂଶ ୬ଷ୍ଠ ପୃଷ୍ଠାରେ)

GREAT COMMISSION PARTNERS
ECHO OF HIS CALL MINISTRIES
SINCE 1955

# ମହା ଆଦେଶ ସାଥୀଗଣ

ଜଣାଇବା (ଗାଲାତୀୟ ୬:୨), ସହାୟତା ଦେବା (ରୋମୀୟ ୧୨:୧୩) ଓ ତ୍ୱରାନ୍ୱିତ କରିବା (୨ ତୀମଥି ୧:୬)

ପ୍ରଶଂସା ଓ ପ୍ରାର୍ଥନାର ବିଷୟ,

(୨୦୨୫ ଡିସେମ୍ବର ୧୯ ରୁ ୨୦୨୬ ଜାନୁୟାରୀ ୧୮ ପର୍ଯ୍ୟନ୍ତ)

(ଦୟାକରି ଏହି ପୃଷ୍ଠାଟିକୁ ବାହାର କରି ଭାଙ୍ଗନ୍ତୁ ଓ ଏହାକୁ ଆପଣଙ୍କ ବାଇବେଲରେ ରଖନ୍ତୁ ଓ ନିରନ୍ତର ପ୍ରାର୍ଥନା କରନ୍ତୁ)

## ଈଶ୍ୱରଙ୍କର ପ୍ରଶଂସା କରନ୍ତୁ

ଡିସେମ୍ବର ୧୯ ⇨ ଆମର ଅନୁବାଦକ, ସହଯୋଗୀ ସଂପାଦକ, ସଂଯୋଜକ ଓ ସେମାନଙ୍କର ପରିବାରଗୁଡ଼ିକୁ ଆଶୀର୍ବାଦ କରିଥିବାରୁ ।

ଡିସେମ୍ବର ୨୦ ⇨ ଆମର ସେଣ୍ଟ ପଲ୍‌ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ, ନିହିମିୟା ବାଇବଲ କଲେଜ, ଥିଓଲୋଜିକାଲ କରେସପଣ୍ଡେସ ପାଠ୍ୟକ୍ରମ ନିମନ୍ତେ ଓ ଦରିଦ୍ରମାନଙ୍କର ସେବା କରୁଥିବା ଲୋକମାନଙ୍କ ନିମନ୍ତେ ।

ଡିସେମ୍ବର ୨୧ ⇨ ଆମର ସମସ୍ତ ପ୍ରାର୍ଥନା ସାଥୀ, ସଭ୍ୟ ସଭ୍ୟା, ବିଶ୍ୱାସ ସାଥୀ, ଆଜୀବନ ସଭ୍ୟ, ମହାଆଦେଶ ସାଥୀ ଓ ସେମାନଙ୍କ ପରିବାରଗୁଡ଼ିକ ପ୍ରତି ଈଶ୍ୱରଙ୍କ ଦୟା ନିମନ୍ତେ ।

ଡିସେମ୍ବର ୨୨ ⇨ ଆମର ବହୁମୁଖୀ ସେବାକାର୍ଯ୍ୟ ମାଧ୍ୟମରେ ସୁସମାଚାର ଜାଣି ନ ଥିବା ଲୋକଙ୍କ ନିକଟରେ ପହଞ୍ଚିବାରେ ଆମକୁ ସାହାଯ୍ୟ କରିଥିବାରୁ ।

ଡିସେମ୍ବର ୨୩ ⇨ ଆମ ସେବାକାର୍ଯ୍ୟର କାର୍ଯ୍ୟକାରୀମାନଙ୍କ ପରିବାର ଗୁଡ଼ିକ ଉପରେ ତାଙ୍କର ପ୍ରଚୁର ଆଶୀର୍ବାଦ ନିମନ୍ତେ ।

ଡିସେମ୍ବର ୨୪ ⇨ ଆମର କର୍ମଚାରୀମାନଙ୍କର ପରିବାରଗୁଡ଼ିକ ଉପରେ ତାଙ୍କର ପ୍ରଦତ୍ତ ଆଶୀର୍ବାଦ ନିମନ୍ତେ ।

ଡିସେମ୍ବର ୨୫ ⇨ ଏହି ବର୍ଷ ଆମର ସମସ୍ତ ବଡ଼ଦିନ କାର୍ଯ୍ୟକ୍ରମ ନିମନ୍ତେ ।

ଡିସେମ୍ବର ୨୬ ⇨ ଆମ ସମସ୍ତଙ୍କର ଉଦ୍ଧାର ନିମନ୍ତେ ଆସିଥିବା ଜଗତର ତ୍ରାଣକର୍ତ୍ତା, ଯୀଶୁ ଖ୍ରୀଷ୍ଟଙ୍କର ଜନ୍ମ ନିମନ୍ତେ ।

ଡିସେମ୍ବର ୨୭ ⇨ ଆମର ବରିଷ୍ଠ ପାଳକ ଓ ତାଙ୍କର ପରିବାରକୁ ସମସ୍ତ ମନ୍ଦଶକ୍ତିରୁ ସ୍ୱର୍ଗୀୟ ସୁରକ୍ଷା ଦେଇଥିବାରୁ ।

ଡିସେମ୍ବର ୨୮ ⇨ ଆମର ମୁଖ୍ୟ ମଣ୍ଡଳୀ ଓ ଏହାର ଶାଖା ମଣ୍ଡଳୀରେ ଥିବା ସଣ୍ଡେସ୍କୁଲ ନିମନ୍ତେ ଅଧିକରୁ ଅଧିକ ପିଲା ଯୋଗାଇ ଦେଇଥିବାରୁ ।

ଡିସେମ୍ବର ୨୯ ⇨ ଏହି ବର୍ଷ ସାରା ଈଶ୍ୱରଙ୍କର ଦାସମାନଙ୍କୁ ସ୍ୱର୍ଗୀୟ ସୁରକ୍ଷା ଦେଇଥିବାରୁ ।

ଡିସେମ୍ବର ୩୦ ⇨ ଏହି ବର୍ଷ ସାରା ଖ୍ରୀଷ୍ଟୀୟ ଅନୁଷ୍ଠାନଗୁଡ଼ିକର ସୁଚାରୁ ଓ ଫଳପ୍ରଦ କାର୍ଯ୍ୟ ନିମନ୍ତେ ।

ଡିସେମ୍ବର ୩୧ ⇨ ଏହି ବର୍ଷ, ୨୦୨୫ ପାଇଁ ଆମର ସମସ୍ତ ଆବଶ୍ୟକତାକୁ ଆଶ୍ଚର୍ଯ୍ୟ ଭାବେ ପୂରଣ କରିଥିବାରୁ ।

ଜାନୁୟାରୀ ୧ ⇨ ସମଗ୍ର ପୃଥିବୀର ପାଠକ ଓ ଲୋକମାନଙ୍କ ନିମନ୍ତେ ୨୦୨୬ ନୂତନ ବର୍ଷ ପାଇଁ ଶାନ୍ତି କାମନା କରୁଅଛୁ ।

ଜାନୁୟାରୀ ୨ ⇨ ଈଶ୍ୱର ଆମର ମୁଖ୍ୟ ଓ ଶାଖା ମଣ୍ଡଳୀଗୁଡ଼ିକରେ ଅଧିକରୁ ଅଧିକ ବିଶ୍ୱାସୀଙ୍କୁ ସଂଯୁକ୍ତ କରିଥିବାରୁ ।

ଜାନୁୟାରୀ ୩ ⇨ ୨୦୨୬ ପାଇଁ ଉତ୍ତମ ପ୍ରତିଜ୍ଞା ଦ୍ୱାରା ସମସ୍ତ ମଣ୍ଡଳୀ ଓ ବିଶ୍ୱାସୀମାନଙ୍କୁ ଆଶୀର୍ବାଦ କରିଥିବାରୁ ।

## ଦୟାକରି ପ୍ରାର୍ଥନା କରନ୍ତୁ

ଜାନୁୟାରୀ ୪ ⇨ ଆମର କନ୍ନଡ ସହଯୋଗୀ ସଂପାଦକ ରେଭ. ଆର୍. ରାମକ୍ରିଷ୍ଣା ଓ ତାଙ୍କ ପତ୍ନୀଙ୍କୁ ସେମାନଙ୍କର ଅସୁସ୍ଥତାରୁ ଶୀଘ୍ର ସୁସ୍ଥ କରିବା ପାଇଁ ।

ଜାନୁୟାରୀ ୫ ⇨ ପୃଥିବୀର ନେତାମାନେ ଯେପରି ଲୋକମାନଙ୍କର ମଙ୍ଗଳ ନିମନ୍ତେ ସ୍ୱର୍ଗୀୟ ଜ୍ଞାନ ଓ କାର୍ଯ୍ୟରେ ପରିପୂର୍ଣ୍ଣ ହେବେ ।

ଜାନୁୟାରୀ ୬ ⇨ ସେଣ୍ଟ ପଲ୍‌ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ ଓ ନିହିମିୟା ବାଇବଲ କଲେଜର ଛାତ୍ରମାନଙ୍କୁ ସ୍ୱର୍ଗୀୟ ସୁରକ୍ଷା ଦେବା ନିମନ୍ତେ ।

ଜାନୁୟାରୀ ୭ ⇨ ଆମ ଅନୁଷ୍ଠାନ ପାଇଁ ଉପଯୁକ୍ତ କର୍ମଚାରୀ ଯୋଗାଇବା ନିମନ୍ତେ ।

ଜାନୁୟାରୀ ୮ ⇨ ଖ୍ରୀଷ୍ଟିଆନମାନେ ଯେପରି ଈଶ୍ୱରଙ୍କ ବାକ୍ୟ ପାଳନ କରିବେ ଓ ଖ୍ରୀଷ୍ଟ-ସଦୃଶ ଚରିତ୍ର ପ୍ରଦର୍ଶନ କରିବେ ।

ଜାନୁୟାରୀ ୯ ⇨ ଏହି ମାସ ଈଶ୍ୱର ଯେପରି ଆମର ସମସ୍ତ ଆବଶ୍ୟକତା ପୂରଣ କରିବେ ।

ଜାନୁୟାରୀ ୧୦ ⇨ ଆମର ସେବା-ସାଥୀ ଓ ସଂଯୋଜକମାନେ ଯେପରି ସେମାନଙ୍କ କାର୍ଯ୍ୟରେ ସଫଳ ହେବେ ।

ଜାନୁୟାରୀ ୧୧ ⇨ ଆମର ସେବାକାର୍ଯ୍ୟର ସଂପ୍ରସାରଣ ଓ ସମଗ୍ର ପୃଥିବୀରେ ସୁସମାଚାର ପ୍ରସାର ନିମନ୍ତେ ।

ଜାନୁୟାରୀ ୧୨ ⇨ ୨୦୨୬ରେ ପାଳକ ଏସ୍.ସାମ୍.ସେଲଭାରାଜ ଓ ତାଙ୍କ ପରିବାର ଯେପରି ଈଶ୍ୱରଙ୍କର ବଳବନ୍ତ ହସ୍ତ ତଳେ ରହିବେ ।

ଜାନୁୟାରୀ ୧୩ ⇨ ମନ୍ଦଶକ୍ତିଗୁଡ଼ିକ ବିରୁଦ୍ଧରେ ସମସ୍ତ ମଣ୍ଡଳୀର ସ୍ୱର୍ଗୀୟ ସୁରକ୍ଷା ନିମନ୍ତେ ।

ଜାନୁୟାରୀ ୧୪ ⇨ ଦେଶଗୁଡ଼ିକ ମଧ୍ୟରେ ଶାନ୍ତି ଓ ଅର୍ଥନୈତିକ ବିକାଶ ନିମନ୍ତେ ।

ଜାନୁୟାରୀ ୧୫ ⇨ ସମଗ୍ର ପୃଥିବୀର ସମସ୍ତ ଖ୍ରୀଷ୍ଟିଆନ ଶିକ୍ଷାନୁଷ୍ଠାନ ଗୁଡ଼ିକର ସୁଖ୍ୟାତି ଯେପରି ବଜାୟ ରହିବ ।

ଜାନୁୟାରୀ ୧୬ ⇨ ସମସ୍ତ ମଣ୍ଡଳୀ ଓ ଖ୍ରୀଷ୍ଟୀୟ ଅନୁଷ୍ଠାନ ଗୁଡ଼ିକ ଯେପରି ଆଇନ ସମ୍ମତ ଭାବରେ ସରକାରଙ୍କ ସହିତ ପଞ୍ଜିକୃତ ହେବେ ।

ଜାନୁୟାରୀ ୧୭ ⇨ ଈଶ୍ୱର ଯେପରି ଆମର ସମସ୍ତ ପ୍ରାର୍ଥନା ସାଥୀ, ସଭ୍ୟ ସଭ୍ୟା, ବିଶ୍ୱାସ ସାଥୀ, ଆଜୀବନ ସଭ୍ୟ, ମହାଆଦେଶ ସାଥୀ ଓ ସେମାନଙ୍କର ପରିବାରଗୁଡ଼ିକୁ ଆଶୀର୍ବାଦ କରିବେ ।

ଜାନୁୟାରୀ ୧୮ ⇨ ୨୦୨୬ରେ, ସମଗ୍ର ପୃଥିବୀରେ ଯେପରି ଉତ୍ତମସ୍ୱାସ୍ଥ୍ୟ, ଶାନ୍ତି ଓ ସମୃଦ୍ଧି ଆସିବ ।

....Contd. from page 4



ଆମେ ଈଶ୍ୱରଙ୍କ କର୍ତ୍ତୃତ୍ୱ ନିକଟରେ ସମର୍ପିତ ହେଲେ, ପ୍ରତ୍ୟେକ ପ୍ରତିଜ୍ଞା ସଫଳ ହେବ ।

ଯେତେବେଳେ ଆମେ ଈଶ୍ୱରଙ୍କର କର୍ତ୍ତୃତ୍ୱ ଅଧୀନରେ ସମର୍ପିତ ହେଉ, ସେତେବେଳେ ତାଙ୍କର ପ୍ରତ୍ୟେକ ପ୍ରତିଜ୍ଞା ସଫଳ ହୁଏ ।

ଭୟ କରନ୍ତୁ ନାହିଁ - ସୈନ୍ୟାଧିପତି ସଦାପ୍ରଭୁ ଆପଣଙ୍କ ଆଗେ ଆଗେ ଯାଉଛନ୍ତି । ସେ ଆପଣଙ୍କ ପାଇଁ ଯୁଦ୍ଧ କରିବେ ।

ଯୀଶୁ ଖ୍ରୀଷ୍ଟଙ୍କୁ ଧରି ରଖନ୍ତୁ - ସେ ଯଥେଷ୍ଟରୁ ଅଧିକ ଅଟନ୍ତି । ଯୀଶୁଙ୍କୁ ପରୀକ୍ଷା କରି ଦେଖନ୍ତୁ ।

## ୪. ଆମକୁ ଆମର ପରବର୍ତ୍ତୀ ପଦକ୍ଷେପ ଦେଖାଇବା ପାଇଁ ଆଲୋକ ପ୍ରକାଶିତ ହୁଏ ।

ପ୍ରଭୁ ଆମର ପଥ ପ୍ରଦର୍ଶକ ଆଲୋକ ହୋଇଥିବାରୁ, ଆମେ ଭବିଷ୍ୟତ୍ ପାଇଁ ଭୟଭୀତ ହେବା ଆବଶ୍ୟକ ନୁହେଁ ।

''ତୁମ୍ଭ ବାକ୍ୟ ମୋ' ଚରଣ ପାଇଁ ପ୍ରଦୀପ ଓ ମୋ' ପଥ ପାଇଁ ଆଲୁଅ ଅଟେ'' (ଗୀତସଂହିତା ୧୧୯:୧୦୫) ।

ଈଶ୍ୱର ସଙ୍ଗେ ସଙ୍ଗେ ସମଗ୍ର ପଥ ଆମ ନିକଟରେ ପ୍ରକାଶ କରନ୍ତି ନାହିଁ - ମାତ୍ର ସେ ସର୍ବଦା ପରବର୍ତ୍ତୀ ପଦକ୍ଷେପ ଦେଖାନ୍ତି । ଥରକେ ଗୋଟିଏ ପଦକ୍ଷେପ ।



ଈଶ୍ୱର ସଙ୍ଗେ ସଙ୍ଗେ ସମଗ୍ର ପଥ ପ୍ରକାଶ କରନ୍ତି ନାହିଁ - ସେ ସର୍ବଦା ପରବର୍ତ୍ତୀ ପଦକ୍ଷେପ ଦେଖାନ୍ତି ।

ଯେତେବେଳେ ଜୀବନ ଦୁଃଖପୂର୍ଣ୍ଣ ମନେ ହେଉଥାଏ, ଯେତେବେଳେ ସବୁକିଛି ଅନ୍ଧକାରପୂର୍ଣ୍ଣ ମନେ ହେଉଥାଏ, ଓ ଆମେ ନିଜ ନିଜକୁ ପଚାରୁଥାଉ, ''ହେ ଈଶ୍ୱର, ମୁଁ କାହିଁକି ?'' - ସେତେବେଳେ ଦାଉଦଙ୍କର ବାକ୍ୟ ସ୍ମରଣ କରନ୍ତୁ :

''ଯେଣୁ ତୁମ୍ଭେ ମୋ' ପ୍ରଦୀପ ଜ୍ୱଳାଇବ, ସଦାପ୍ରଭୁ ମୋ' ପରମେଶ୍ୱର ମୋ' ଅନ୍ଧକାରକୁ ଆଲୁଅମୟ କରିବେ'' (ଗୀତସଂହିତା ୧୮:୨୮) ।

ଆମେ ନୂତନ ବର୍ଷ ମଧ୍ୟକୁ ଅଗ୍ରସର ହେବା ସମୟରେ, ଆସନ୍ତୁ, ଆମେ ଆମ ପରିବାର, ସେବାକାର୍ଯ୍ୟ ଓ କାର୍ଯ୍ୟ ନିମନ୍ତେ ଈଶ୍ୱରଙ୍କ ଚାଳନା ଅନ୍ୱେଷଣ କରିବା ।

ତାଙ୍କୁ ହିଁ ମାଗିବା - କାରଣ କେବଳ ସେ ଭବିଷ୍ୟତକୁ ଧରି ରଖିଛନ୍ତି ।

## ଯିଶାଇୟ ପୁସ୍ତକରେ, ଈଶ୍ୱର ଆହ୍ୱାନ କରୁଛନ୍ତି ।

''ଆମ୍ଭେ ସେହି ପୁରାତନ ଲୋକଙ୍କୁ ସ୍ଥାପନ କରିବା ସମୟଠାରୁ ଆମ୍ଭ ତୁଲ୍ୟ କିଏ ଆହ୍ୱାନ କରିବ ଓ ତାହା ପ୍ରକାଶ କରିବ ଓ ଯଥାକ୍ରମେ ଆମ୍ଭ ପାଇଁ ତାହା ସଜାଇବ ? ପୁଣି ଯାହା ଯାହା ନିକଟବର୍ତ୍ତୀ ଓ ଯାହା ଯାହା ଘଟିବ, ତାହା ସେମାନେ ପ୍ରକାଶ କରନ୍ତୁ'' (ଯିଶାଇୟ ୪୪:୭) ।

ପ୍ରିୟ ବନ୍ଧୁଗଣ, ଆମେ ୨୦୨୬କୁ ପ୍ରବେଶ କରିବା ପୂର୍ବରୁ, ଆସନ୍ତୁ ଆମ ଜୀବନ ନିମନ୍ତେ, ଆମର ସନ୍ତାନ ସନ୍ତତି ଓ ଆମର ଉଦ୍ଦେଶ୍ୟ ନିମନ୍ତେ ଈଶ୍ୱରଙ୍କୁ ତାଙ୍କର ଆଲୋକ ଓ ତାଙ୍କର ଯୋଜନା ପ୍ରକାଶ କରିବା ପାଇଁ ନିବେଦନ କରିବା । ସମ୍ମୁଖରେ କ'ଣ ଅଛି, ତାହା ସେ ଆମକୁ ଦେଖାଇବେ ।

## ୫. ଆମକୁ ସୁରକ୍ଷା ଓ ପ୍ରତିରକ୍ଷା କରିବା ପାଇଁ ଆଲୋକ ପ୍ରକାଶିତ ହୁଏ ।

''ହେ ମୋହର ଶତ୍ରୁ, ମୋର ପ୍ରତିକୂଳରେ ଆନନ୍ଦ କର ନାହିଁ, ମୁଁ ପଡ଼ିଲେ ଉଠିବି, ମୁଁ ଅନ୍ଧକାରରେ ବସିଲେ, ସଦାପ୍ରଭୁ ମୋହର ଦୀପ୍ତିସ୍ୱରୂପ ହେବେ'' (ମୀଖା ୭:୮) ।

କେଡେ ଶକ୍ତିପୂର୍ଣ୍ଣ ପ୍ରତିଜ୍ଞା ! ଏପରିକି ଯେତେବେଳେ ଆମେ ଲଜ୍ଜା, ନିରୁତ୍ସାହ ଓ ନୈରାଶ୍ୟର ସହିତ ବସିଥିବା, ସେତେବେଳେ ଆମେ ପୁନର୍ବାର ଉଠିବା କାରଣ ପ୍ରଭୁ ନିଜେ ଆମର ଆଲୋକ ଅଟନ୍ତି ।

ହୁଏତ ୨୦୨୫ ଆପଣଙ୍କର ସର୍ବୋତ୍ତମ ବର୍ଷ ହୋଇ ନାହିଁ - ମାତ୍ର ମନେରଖନ୍ତୁ, ଈଶ୍ୱରଙ୍କ ସାହାଯ୍ୟରେ, ଆପଣ ପୁନର୍ବାର ଉଠିବେ । ଆପଣ ଯାହା କିଛି ହରାଇଛନ୍ତି, ଈଶ୍ୱର ସେଗୁଡ଼ିକୁ ଫେରାଇ ପାରିବେ - ମାତ୍ର ଏଥିପାଇଁ ଆପଣଙ୍କୁ ତାଙ୍କ ପ୍ରତି ବିଶ୍ୱସ୍ତ ରହିବାକୁ ହେବ ।

ଯେତେବେଳେ ଇସ୍ରାଏଲୀୟମାନେ ସୂଫ ସମୁଦ୍ର ସମ୍ମୁଖରେ ଠିଆ ହୋଇଥିଲେ ଓ ସେମାନଙ୍କ ଉଭୟ ପାର୍ଶ୍ୱରେ ପର୍ବତ ଓ ପଛରେ ଫାରୋଙ୍କ ସୈନ୍ୟବାହିନୀ ଥିଲା - ସେତେବେଳେ ଈଶ୍ୱରଙ୍କ ଉପସ୍ଥିତି ସେମାନଙ୍କୁ ସୁରକ୍ଷା ଦେଉଥିଲା ।

''ସେତେବେଳେ ଇସ୍ରାଏଲୀୟ ଦଳର ଅଗ୍ରଗାମୀ ପରମେଶ୍ୱରଙ୍କ ଦୂତ ସ୍ଥାନାନ୍ତର ହୋଇ ସେମାନଙ୍କର ପଶ୍ଚାଦ୍‌ଗାମୀ ହେଲେ ... ମିସ୍ରିୟ ଦଳ ଓ ଇସ୍ରାଏଲୀୟ ଦଳମଧ୍ୟକୁ ଆସିଲେ । ପୁଣି ମେଘ ଓ ଅନ୍ଧକାର ହେଲେ ହେଁ ତାହା ରାତ୍ରିକୁ ଆଲୁଅମୟ କଲା । ଏଥିପାଇଁ ସମସ୍ତ

(ଅବଶିଷ୍ଟାଂଶ ୯ମ ପୃଷ୍ଠାରେ)

ନିହିମିଆ ବାଇବଲ ଆବାସିକ ମହାବିଦ୍ୟାଳୟ
ଯୋଗ୍ୟତା : ୧୦ମ ଓ ତଦୂର୍ଦ୍ଧ୍ୱ
Chepauk & Santhoshapuram, Velachery Chennai.
ଥିଓଲୋଜିରେ ଡିପ୍ଲୋମା & Bachelor of Theology
ମାଧ୍ୟମ - ହିନ୍ଦୀ (Residential) Sponsorship Available
ମାଧ୍ୟମ - ତାମିଲ (Part Time)
ଆଜ୍ଞମିଶନ ପାଇଁ ଶୀଘ୍ର ଆସନ୍ତୁ ।
ବିଗତ ୫୬ ବର୍ଷ ଧରି ଆନ୍ତର୍ଜାତୀୟ ଖ୍ରୀଷ୍ଟିଆନ ନେତା ଓ ବରିଷ୍ଠ ପାଳକମାନଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ
ଯୋଗାଯୋଗ
Contact : The Chairman, Nehemiah Bible College.
10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA.
Phone : (+91-44) 2852 8282, Cell : (+91) 98410 71852 / 95661 31858
E.mail : sam@echoofhiscall.org / Website : www.echoofhiscall.org
* ONLINE CLASSES ARE AVAILABLE *

## ଦୟାକରି ଆମର ସେବାକାର୍ଯ୍ୟ ନିମନ୍ତେ ପ୍ରାର୍ଥନା କରନ୍ତୁ ।

୧. ପ୍ରାର୍ଥନା ସଭା (୨୪ ଘଣ୍ଟା) ।
୨. ଆହ୍ୱାନର ପ୍ରତିଧ୍ୱନି ମାସିକ ପତ୍ରିକା (ଇଂରାଜୀ, ତାମିଲ, ମାଲାୟାଲମ, ତେଲୁଗୁ, ହିନ୍ଦୀ, କାନାଡ଼ା, ମରାଠୀ, ଗୁଜୁରାଟୀ, ବଙ୍ଗାଳୀ, ଓଡ଼ିଆ, ନେପାଳୀ, ଆସାମୀ, ପଞ୍ଜାବୀ, ଉର୍ଦ୍ଦୁ, ସିଂହଳ ଓ ଆଫ୍ରିକାନସ୍) ।
୩. ବାଇବଲ କୋର – ମୌଳିକ ବାଇବଲ ପାଠ୍ୟକ୍ରମ (ଇଂରାଜୀ, ତାମିଲ, ହିନ୍ଦୀ ) ।
୪. ଥିଓଲୋଜିକାଲ କରେସପଣ୍ଡେନ୍ସ ପାଠ୍ୟକ୍ରମ (ଇଂରାଜୀ ଓ ତାମିଲ) ।
୫. ନିହିମିୟା ବାଇବଲ ମହାବିଦ୍ୟାଳୟ (ଚେପକ୍, ସନ୍ତୋଷପୁରମ ଓ ଭେଲାଚେରୀ) ।
୬. ଶାଖା ମଣ୍ଡଳୀ ସମୂହ : ସନ୍ତୋଷପୁରମ, ବାଲାଜୀନଗର ଓ ଭେଲାଚେରୀ ।
୭. ମହାଆବେଶ ସାଧାରଣ (ପାଳକମାନେ) ।
୮. ତାଲିମ କାର୍ଯ୍ୟକ୍ରମ, ଅଧିବେଶନ ଓ ସଭା ।
୯. ସୁସମାଚାର ଅଭିଯାନ ।
୧୦. ସାହିତ୍ୟ ସେବା ଓ ବଣ୍ଟନ ।
୧୧. ସୁସମାଚାର ଛାପା କଳ – ପ୍ରକାଶନ ।
୧୨. ଏଲ୍ଷଡାଲ୍ ମାଟ୍ରିକ୍ୟୁଲେସନ ସ୍କୁଲ-ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ ।
୧୩. ରବିସ୍କୁଲ (ଚେପକ) – ରବିବାର ସକାଳ ଘ. ୧୦.୩୦ ଓ (ଭେଲାଚେରୀ, ବାଲାଜୀନଗର ଓ ସନ୍ତୋଷପୁରମ) ରବିବାର ଅପରାହ୍ନ ୩.୦୦ ଘଟିକା ।
୧୪. ପ୍ରାତଃ ଉପାସନା – ରବିବାର ସକାଳ ୫.୩୦ ।
୧୫. ପ୍ରାଥମିକ ସଭା – ରବିବାର ସକାଳ ଘ. ୮.୦୦ ।
୧୬. ତାମିଲ ଉପାସନା – ରବିବାର ସକାଳ ଘ. ୮.୩୦ ।
୧୭. ଯୁବ ସଭା – ରବିବାର ପୂର୍ବାହ୍ନ ଘ. ୧୧.୦୦ ।
୧୮. ସହଭାଗିତା ମଧ୍ୟାହ୍ନ ଭୋଜନ – ରବିବାର ଅପରାହ୍ନ ଘ. ୧.୦୦ ।
୧୯. ହିନ୍ଦୀ ଉପାସନା – ରବିବାର ଅପରାହ୍ନ ଘ. ୪.୦୦ ।
୨୦. ତେଲୁଗୁ ଉପାସନା – ରବିବାର ସନ୍ଧ୍ୟା ଘ. ୫.୦୦ ।
୨୧. ଇଂରାଜୀ ଓ ହିନ୍ଦୀ ଉପାସନା – ରବିବାର ସନ୍ଧ୍ୟା ୬.୦୦ ଘଟିକା ।
୨୨. ଉଦ୍ଧାର ପ୍ରଚାରର ସମୟ – ରବିବାର ସନ୍ଧ୍ୟା ଘ.୬.୩୦ ମିନିଟ୍ ।
୨୩. ମହିଳାମାନଙ୍କର ସଭା – ବୁଧବାର ସନ୍ଧ୍ୟା ଘ.୫.୩୦ ମିନିଟ୍ ।
୨୪. ପୁରୁଷମାନଙ୍କର ପ୍ରାର୍ଥନା ସଭା – ଶୁକ୍ରବାର ସନ୍ଧ୍ୟା ଘ.୬.୦୦ ।
୨୫. କିଶୋର ସଭା – ରବିବାର ସନ୍ଧ୍ୟା ଘ. ୬.୦୦ ଘଟିକା ।
୨୬. ଗୃହ ସଭା – ମଙ୍ଗଳବାର ଓ ଶୁକ୍ରବାର ସନ୍ଧ୍ୟା ଘ.୬.୩୦ ମିନିଟ୍ ।
୨୭. ବିଶେଷ ପ୍ରଭୁଭୋଜ – ପ୍ରତ୍ୟେକ ମାସ ପ୍ରଥମ ଦିବସର ସକାଳ ୬.୦୦ ଘଟିକା ।
୨୮. ସେବକମାନଙ୍କର ସଭା – ପ୍ରଥମ ଶନିବାର ସନ୍ଧ୍ୟା ୬.୦୦ ଘଟିକା ।
୨୯. ପିତାମାତାଙ୍କର ପ୍ରାର୍ଥନାସଭା – ପ୍ରଥମ ରବିବାର ସନ୍ଧ୍ୟା ୪.୦୦ ଘଟିକା ।
୩୦. ରାତ୍ରି ପ୍ରାର୍ଥନା – ଦ୍ୱିତୀୟ ଶୁକ୍ରବାର ଘ. ୯.୩୦ ମି (ରାତ୍ରୁ) ।
୩୧. ଉପବାସ ପ୍ରାର୍ଥନା – ତୃତୀୟ ଶନିବାର ସକାଳ ୯.୩୦ ଘଟିକା ।
୩୨. ପବିତ୍ର ପ୍ରଭୁଭୋଜ – ଦ୍ୱିତୀୟ ରବିବାର ଉପାସନା ।
୩୩. ଯୁବା / ପିଲାମାନଙ୍କ ପାଇଁ ପ୍ରାର୍ଥନା – ପ୍ରତିଦିନ ରାତ୍ରୁ ୧୦ ଘଟିକା (ଫୋନ ମାଧ୍ୟମରେ) ।
୩୪. କର୍ମଚାରୀମାନଙ୍କର ଉପାସନା – ପ୍ରତିଦିନ ସକାଳ ଘ. ୯.୦୦ ।
୩୫. କାର୍ଯ୍ୟାଳୟ – ପ୍ରତିଦିନ ସକାଳ ଘ. ୯.୦୦ରୁ ରାତ୍ରୁ ୯.୦୦ (ରବିବାର ବ୍ୟତୀତ) ।

## ଆହ୍ୱାନର ପ୍ରତିଧ୍ୱନିର ପୋଷ୍ଟାଲ୍ ପାଠ୍ୟକ୍ରମ କେବଳ ଭାରତର ଛାତ୍ରମାନଙ୍କ ନିମନ୍ତେ

### ୧. ବାଇବଲ କୋର

ଆମେ ନୂତନ ଖ୍ରୀଷ୍ଟିଆନ ଓ ଅଣ-ଖ୍ରୀଷ୍ଟିଆନମାନଙ୍କୁ ଇଂରାଜୀରେ ୬୨ ପୃଷ୍ଠା, ହିନ୍ଦୀରେ – ୭୬ ପୃଷ୍ଠା ଓ ତାମିଲରେ – ୧୬ ପୃଷ୍ଠାରେ ସମ୍ବଳିତ ବାଇବଲର ମୌଳିକ ସତ୍ୟଗୁଡ଼ିକ ଉପରେ ପୋଷ୍ଟାଲ ପାଠ୍ୟକ୍ରମ ପ୍ରଦାନ କରୁଅଛୁ । ଆପଣମାନେ ଏକ ପାଠ୍ୟପୁସ୍ତକ – "ଆପଣଙ୍କ ନିମନ୍ତେ ନୂତନ ଜୀବନ" ପାଇବେ । ଏହି ପାଠ୍ୟକ୍ରମର ସମାପ୍ତି ପରେ, ଆପଣ ଗୋଟିଏ ସାର୍ଟିଫିକେଟ ପାଇବେ । କୌଣସି ବାଧ୍ୟତାମୂଳକ ଦେୟ ନାହିଁ । ଆପଣମାନେ ଆଶୀର୍ବାଦ ପାଇବେ ।

### ୨. ଥିଓଲୋଜିକାଲ୍ କରେସ ପଣ୍ଡେନ୍ସ୍ ପାଠ୍ୟକ୍ରମ

ଥିଓଲୋଜିକାଲ କରେସ୍ ପଣ୍ଡେନ୍ସ୍ ପାଠ୍ୟକ୍ରମ ନାମକ ସ୍ୱତନ୍ତ୍ରବର୍ତ୍ତୀ ପ୍ରାର୍ଥୀମାନଙ୍କ ପାଇଁ ଉନ୍ନତ ଧରଣର ଶିକ୍ଷା ବର୍ତ୍ତମାନ ଇଂରାଜୀରେ – ୬୩୨ ପୃଷ୍ଠା ଓ ତାମିଲ୍‌ରେ ୭୫୨ ପୃଷ୍ଠା ପାଳକ, ପ୍ରଚାରକ, ଖ୍ରୀଷ୍ଟିଆନ ନେତା ଓ ଈଶ୍ୱରଙ୍କ ସେବାକାର୍ଯ୍ୟ ପାଇଁ ଇଚ୍ଛୁକ ସାଧାରଣ ଲୋକଙ୍କ ନିମନ୍ତେ ଉପଲବ୍ଧ ଅଟେ । ୧୦୦୦ ଟଙ୍କାର ଦେୟ ରହିଛି ।

୧୪୯ ଅଧ୍ୟାୟ ବିଶିଷ୍ଟ ୭ଟି ପୁସ୍ତକ ଯୋଗାଇ ଦିଆଯିବ । ସେବାକାର୍ଯ୍ୟରେ ସାର୍ଟିଫିକେଟ ପ୍ରଦାନ କରାଯିବ । ଈଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରିବେ ।

ଅଧିକ ଜାଣିବା ପାଇଁ ଆମକୁ ଲେଖନ୍ତୁ

*For more details, write to us.*

**The Chairman, Nehemiah Bible College,**
Echo of His Call, Post Box 2957
CHEPAUK, CHENNAI - 600 005.

Ph.: (044) 2852 8282, 2852 9293, 2854 7766,
Cell : 98410 71852, 95661 31858
E.mail : biblecor@yahoo.co.in

## ବିନାମୂଲ୍ୟରେ ମାସିକ ପତ୍ରିକା "ଆହ୍ୱାନର ପ୍ରତିଧ୍ୱନି" ପାଇବା ପାଇଁ ଏକ ଉତ୍ତମ ସୁଯୋଗ ।

ଯଦି ଆପଣମାନେ ଆପଣମାନଙ୍କ ବନ୍ଧୁ/ଆତ୍ମୀୟମାନଙ୍କର ଠିକଣା ଡାକ, ପତ୍ର, ଇ-ମେଲ, ହ୍ୱାଟସ୍-ଆପ୍ କିମ୍ବା ଫୋନ ମାଧ୍ୟମରେ ଆମ ନିକଟକୁ ପଠାଇ ପାରିବେ ତେବେ ଆମେ "ଆହ୍ୱାନର ପ୍ରତିଧ୍ୱନି" ମାସିକ ପତ୍ରିକା ସେମାନଙ୍କ ନିକଟକୁ ବିନାମୂଲ୍ୟରେ ପ୍ରେରଣ କରିବୁ ।

## କର ରିହାତି

"Echo of His Call Educational Trust" କୁ ଭାରତର ଯେ କୌଣସି ବ୍ୟକ୍ତି କିମ୍ବା ଅନୁଷ୍ଠାନ ଦେଉଥିବା ଦାନ ଆୟକର ଆଇନର ଭାଗ – 80 - G ଅଧୀନରେ କର ମୁକ୍ତ ପାଇଁ ଯୋଗ୍ୟ ଅଟେ । ଏହି ଉଦ୍ଦେଶ୍ୟରେ କାର୍ଯ୍ୟାଳୟ ତରଫରୁ ରସିଦ୍ ଦିଆଯିବ । Echo of His Call Educational Trust କୁ ଦେଉଥିବା ଦାନ ପାଇଁ Demand Draft, Cheque କିମ୍ବା ମନିଅର୍ଡର କରନ୍ତୁ ଓ କର ମୁକ୍ତି ପାଇଁ ଆପଣଙ୍କର ଆଧାରକାର୍ଡ ଓ ପ୍ୟାନକାର୍ଡ ସହିତ ଏହାକୁ ଆମ ନିକଟକୁ ପ୍ରେରଣ କରନ୍ତୁ ।

| | | |
|---|---|---|
| Account Name | : | ECHO OF HIS CALL EDUCATIONAL TRUST |
| Account Number | : | 1023 2923 805 |
| Bank Name | : | STATE BANK OF INDIA |
| Branch | : | TRIPLICANE, CHENNAI - 600 005 |
| IFSC Code | : | SBIN 0000249 |
| SWIFT Code | : | SBI NIN BB 455 |



# ଗର୍ତ୍ତରୁ ରାଜପ୍ରାସାଦ

## (PIT TO PALACE)

(ପାଳକ. ଏସ୍. ସାମ୍. ସେଲ୍‌ଭା ରାଜ୍‌ଙ୍କ ଜୀବନାନୁଭୂତି)

*"ଯେ ପାଠ କରେ, ସେ ବୁଝୁ" (ମାଥିଉ ୨୪:୧୫)*

## ଗୌରବମୟ ଈଶ୍ୱର !

ପୀଡ଼ିତମାନଙ୍କୁ ସୁସ୍ଥ କର, ମୃତମାନଙ୍କୁ ଉଠାଅ, କୁଷ୍ଠୀମାନଙ୍କୁ ଶୁଚି କର, ଭୂତମାନଙ୍କୁ ଛଡ଼ାଅ । ତୁମ୍ଭେମାନେ ବିନାମୂଲ୍ୟରେ ପାଇଅଛ, ବିନା ମୂଲ୍ୟରେ ଦାନ କର" (ମାଥିଉ ୧୦:୮) ।

ମୋର ଆଦ୍ୟ ଦିନଗୁଡ଼ିକରୁ, ଈଶ୍ୱର ମୋର ସେବାକାର୍ଯ୍ୟରେ ମହା ଅଦ୍ଭୁତ ଓ ଆଶ୍ଚର୍ଯ୍ୟ କର୍ମ ସାଧନ କରି ଆସୁଛନ୍ତି । ମୋର ସୀମାର ବାହାରେ, ଜରୁରୀ ଆବଶ୍ୟକତା ସମୟରେ, ଈଶ୍ୱର ମୋତେ ସାହାଯ୍ୟ କରିବା ପାଇଁ ନିଜର ପବିତ୍ର ଦୂତମାନଙ୍କୁ ପ୍ରେରଣ କରିଥିଲେ । ମୁଁ ଈଶ୍ୱରଙ୍କର ସେହି ଶକ୍ତିର ଅନୁଭୂତି ପାଇଛି ଯାହାକୁ ମୁଁ ପ୍ରାର୍ଥନା କରିବା ସମୟରେ, ସେ ମୋତେ ପ୍ରଦାନ କରିଥିଲେ ।

୧୯୯୩ରେ, କେହି ଜଣେ ମୋତେ ଫୋନ୍ କରି କହିଥିଲେ ଯେ ମାଡ୍ରାସ (ଚେନ୍ନାଇ) ସହରଠାରୁ ପ୍ରାୟ ୩୫ କିଲୋମିଟର ଦୂରରେ ବାସ କରୁଥିବା ଶ୍ରୀମତୀ ରୋଜ୍‌ମେରୀ ନାମ୍ନୀ ଜଣେ ମହିଳା ମନ୍ଦଆତ୍ମା ଦ୍ୱାରା ଆକ୍ରାନ୍ତ ହୋଇ ଅନେକ ବର୍ଷ ହେଲାଣି କଷ୍ଟ ପାଉଛନ୍ତି । ଏଥିଯୋଗୁ, ସେ କିଛି ଖାଇପାରୁ ନ ଥିଲେ କିମ୍ବା ଶୋଇ ପାରୁ ନ ଥିଲେ । ସେ ନିଜ ପରିବାରର ଲୋକମାନଙ୍କୁ ମାରିଦେବେ ବୋଲି କହି ଧମକ ଦେଉଥିଲେ । ସେ ଅନେକ ଥର ଆତ୍ମହତ୍ୟା କରିବା ପାଇଁ ମଧ୍ୟ ଚେଷ୍ଟା କରୁଥିଲେ । ତାଙ୍କୁ ନିୟନ୍ତ୍ରଣ କରିବା ପାଇଁ, ତାଙ୍କର ହାତ ଓ ପାଦକୁ ବନ୍ଧାଯାଇ ଗୋଟିଏ ପୃଥକ୍ କୋଠରୀରେ ରଖାଯାଇଥିଲା ।

ଯେତେବେଳେ ତାଙ୍କ ପରିବାରର ସଦସ୍ୟମାନେ ତାଙ୍କର ଉଦ୍ଧାର ନିମନ୍ତେ ମୋତେ ପ୍ରାର୍ଥନା କରିବା ପାଇଁ ଡାକିଲେ, ସେତେବେଳେ ପ୍ରଥମେ ମୁଁ ନିଜେ ପ୍ରାର୍ଥନାରେ କିଛି ସମୟ କାଟିଲି, ଆତ୍ମିକ ଚାଳନା ପ୍ରାପ୍ତ ହେଲି ଓ ସେହି ପରିବାର ନିକଟକୁ ଗଲି । ଗୃହରୁ ପ୍ରସ୍ଥାନ କରିବା ସମୟରୁ ହିଁ, ମୁଁ ଶୟତାନର କିଛି ବିରୋଧକୁ ଅନୁଭବ କରିପାରୁଥିଲି । ମୁଁ ସେହି ସ୍ଥାନରେ ପହଞ୍ଚିବା ପୂର୍ବରୁ, ଶୟତାନ ମୋତେ ଶାରୀରିକ ଓ ମାନସିକ ଭାବରେ ଆକ୍ରମଣ କରୁଥିଲା ।

ମୁଁ ସେହି ମହିଳାଙ୍କ ଗୃହରେ ପ୍ରବେଶ କରିବା ମାତ୍ରେ, ତାଙ୍କୁ ଖୋଲି ମୁକ୍ତ କରି ଦେବା ପାଇଁ ତାଙ୍କ ପରିବାରର ସଦସ୍ୟମାନଙ୍କୁ କହିଥିଲି । ସେ ମୁକ୍ତ ହେବା ପରେ, ସଙ୍ଗେ ସଙ୍ଗେ ଏଣେ ତେଣେ ଦୌଡ଼ିବାରେ ଲାଗିଲେ, ଖରାପ ଭାଷାରେ ଗାଳି ଦେଇ ମୋ'ଠାରୁ ପଳାଇ ଯିବା ପାଇଁ ଇଚ୍ଛା କରିଥିଲେ । ଯଦିଓ ମୁଁ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର ଜଣେ ଯୁବ ବିଶ୍ୱାସୀ ଥିଲି, ତଥାପି ପ୍ରଭୁ ମୋତେ ସେହି ଭୂତଗ୍ରସ୍ତା ମହିଳାଙ୍କର ସମ୍ମୁଖୀନ ହେବା ପାଇଁ ବିଶେଷ ସାହସ ଓ ଶକ୍ତି ପ୍ରଦାନ କରିଥିଲେ ।



ମୁଁ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଉପରେ ସଂପୂର୍ଣ୍ଣ ଭରସା ରଖି, ମୋର ମୁଖ ଖୋଲିଲି ଓ ସେହି ମହିଳାଙ୍କଠାରୁ ଚାଲିଯିବା ପାଇଁ ସେହି ମନ୍ଦଆତ୍ମାକୁ ଆଦେଶ ଦେଲି । ସଙ୍ଗେ ସଙ୍ଗେ, ସେହି ମହିଳାଙ୍କର କାର୍ଯ୍ୟକଳାପ ଅତି କର୍କଶ ହୋଇଗଲା ଓ ଉପରକୁ ତଳକୁ ଡିଆଁ ଡେଇଁ କରିବାରେ ଲାଗିଲେ । ସେ ଛାତରେ ଥିବା କଡ଼ିକୁ ଧରି ଝୁଲି ରହିଲେ ଓ ନିଜ ଗୋଡ଼ ସାହାଯ୍ୟରେ ଆକ୍ରମଣ କରିବାକୁ ଲାଗିଲେ । କେହି ତାଙ୍କୁ ନିୟନ୍ତ୍ରଣ କରି ପାରୁ ନ ଥିଲେ । ମୋ' ଚତୁର୍ଦ୍ଦିଗରେ ଠିଆ ହୋଇଥିବା ଲୋକମାନେ ଭୟ ଓ ଆଶ୍ଚର୍ଯ୍ୟରେ ମୋତେ ଚାହିଁ ରହିଥିଲେ । ମାତ୍ର ମୁଁ ମୋ' ଭିତରେ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଶକ୍ତିକୁ ଅନୁଭବ କରି, ଦୃଢ଼ ବିଶ୍ୱାସ କରୁଥିଲି ଯେ ଈଶ୍ୱର ନିଶ୍ଚୟ ହସ୍ତକ୍ଷେପ କରିବେ ।

ଶେଷରେ, ମୁଁ ପୁନର୍ବାର ମୋର ମୁଖ ଖୋଲି, ଶୟତାନକୁ ଧମକ ଦେଲି, "ଶୟତାନ, ଏହି ମହିଳାଙ୍କ ଉପରେ ଅତ୍ୟାଚାର କରିବା ପାଇଁ ତୋର ଆଉ କୌଣସି ଅଧିକାର ନାହିଁ । ନାଜରିତୀୟ ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ବର୍ତ୍ତମାନ ସଙ୍ଗେ ସଙ୍ଗେ ଏହି ମହିଳାଙ୍କଠାରୁ ବାହାରି ଯା' ବୋଲି ମୁଁ ତୋତେ ଆଦେଶ ଦେଉଅଛି । ତୋର ମୁଖ ବନ୍ଦ କରିବା ପାଇଁ ଓ ସଙ୍ଗେ ସଙ୍ଗେ ତଳକୁ ଓହ୍ଲାଇ ଆସିବା ପାଇଁ ଓ ଏହି ମହିଳାଙ୍କଠାରୁ ଚାଲିଯିବା ପାଇଁ, ମୁଁ ତୋତେ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ଆଦେଶ ଦେଉଅଛି ।"

ସଙ୍ଗେ ସଙ୍ଗେ, ସେ ଚିତ୍କାର କରିବା ବନ୍ଦ କଲେ ଓ ଗୋଟିଏ ମୃତ ବ୍ୟକ୍ତି ଭଳି ଭୂମିରେ ପଡ଼ିଗଲେ । ଏହାପରେ, ମୁଁ ତାଙ୍କ ମୁଣ୍ଡ ଉପରେ ମୋର ହାତ ରଖି ତାଙ୍କୁ ସତେଜ ଓ ନୂତନ ଜୀବନ ଦେବା ପାଇଁ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଥିଲି । ତତ୍‌କ୍ଷଣାତ୍, ସେ ସଚେତନ ହେଲେ ଓ ସମସ୍ତଙ୍କୁ ଆଶ୍ଚର୍ଯ୍ୟରେ ଚାହିଁ ରହିଲେ । ସେହି ଦିନଠାରୁ, ସେ ଶୟତାନର କବଳରୁ ସଂପୂର୍ଣ୍ଣ ଭାବରେ ଉଦ୍ଧାର ପାଇଥିଲେ ଓ ଏକ ସ୍ୱାଭାବିକ ଖ୍ରୀଷ୍ଟିଆନ ଜୀବନ କାଟିବା ଆରମ୍ଭ କରିଥିଲେ ।

ପ୍ରିୟ ପାଠକମାନେ, ସେହି ସମାନ ଯୀଶୁ ଖ୍ରୀଷ୍ଟ ଆଜି ମଧ୍ୟ ଜୀବିତ ଅଛନ୍ତି ଓ ଆପଣଙ୍କ ନିମନ୍ତେ ଓ ମୋ' ନିମନ୍ତେ ଉପଲବ୍ଧ ଅଛନ୍ତି । ସେ ଆପଣଙ୍କ ଜୀବନରେ

ଯେ କୌଣସି ଆଶ୍ଚର୍ଯ୍ୟ କର୍ମ ସାଧନ କରିପାରନ୍ତି । କେବଳ ତାଙ୍କୁ ଗ୍ରହଣ କରନ୍ତୁ, ଆପଣଙ୍କର ପାପସବୁ ସ୍ୱୀକାର କରନ୍ତୁ ଓ ତାଙ୍କର ଅନୁଗାମୀ ହୁଅନ୍ତୁ । ସଦାପ୍ରଭୁ ମୋତେ ପୃଥିବୀର ବିଭିନ୍ନ ଅଞ୍ଚଳକୁ ନେଇଛନ୍ତି ଓ ଚିହ୍ନ ଓ ଅଦ୍ଭୁତ କର୍ମ ଦ୍ୱାରା ନିଜର ବାକ୍ୟକୁ ସ୍ଥିରୀକୃତ କରିଛନ୍ତି । ସେ ଆପଣଙ୍କୁ ଅତ୍ୟଧିକ ପ୍ରେମ କରନ୍ତି । ସେ ଆପଣଙ୍କୁ ଆବଶ୍ୟକ କରନ୍ତି । ମୋର ବନ୍ଧୁ, ଈଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ ।

*************

(୬ଷ୍ଠ ପୃଷ୍ଠାର ଅବଶିଷ୍ଟାଂଶ)



ମେଘସ୍ତମ୍ଭ ଗୋଟିଏ ପାର୍ଶ୍ୱକୁ ଅନ୍ଧକାର ଓ ଅନ୍ୟ ପାର୍ଶ୍ୱକୁ ଆଲୋକିତ କରିଥିଲା ।

ରାତ୍ରି ଏକ ଦଳ ଅନ୍ୟ ଦଳ ନିକଟକୁ ଆସି ପାରିଲେ ନାହିଁ'' (ଯାତ୍ରାପୁସ୍ତକ ୧୪:୧୯-୨୦) ।

ଈଶ୍ୱର ନିଜ ଲୋକ ଓ ସେମାନଙ୍କ ଶତ୍ରୁମାନଙ୍କ ମଧ୍ୟ ଭାଗରେ ଠିଆ ହୋଇଥିଲେ - ଅଗ୍ନି ସ୍ତମ୍ଭ ମାଧ୍ୟମରେ ଉଭୟ ଆଲୋକ ଓ ସୁରକ୍ଷା ଆଣିଥିଲେ ।

ଈଶ୍ୱରଙ୍କ ଲୋକମାନେ ସୁରକ୍ଷିତ ନ ହେବା ପର୍ଯ୍ୟନ୍ତ, ଈଶ୍ୱର ରାତିସାରା ଆଲୋକ ପ୍ରଦାନ କରିବା ଦ୍ୱାରା ଫାରୋଙ୍କ ସୈନ୍ୟ ବାହିନୀଠାରୁ ସେମାନଙ୍କୁ ସୁରକ୍ଷିତ ରଖିଥିଲେ ।

ପ୍ରିୟ ଭାଇ ଓ ଭଉଣୀମାନେ, ପ୍ରଭୁ ଆପଣଙ୍କ ଆଗେ ଆଗେ ଚାଲୁଛନ୍ତି । ସେ ଆପଣଙ୍କର ବକ୍ର ପଥକୁ ସଳଖ କରିବେ - ଯଦି ସେ ଆପଣଙ୍କ ପଛେ ପଛେ ଚାଲୁଛନ୍ତି, ତେବେ ମଧ୍ୟ ସେ ତାହା କରିବେ ।

ଗୋଟିଏ ସୁନ୍ଦର ସିହୁଦୀ କାହାଣୀ ଏହି ସତ୍ୟକୁ ବୁଝାଉଅଛି -

ଜଣେ ପିତା ଓ ତାଙ୍କର ଛୋଟ ପୁଅ ଗୋଟିଏ ନିର୍ଜନ ରାସ୍ତାରେ ଯାଉଥିଲେ । ଆଗରେ ଗୋଟିଏ ଚୋର ଆସୁଥିବାର ଦେଖି, ପିତା ନିଜର ପୁଅକୁ ସୁରକ୍ଷା ଦେବା ପାଇଁ ତାକୁ ନିଜ ପଛକୁ ଟାଣି ଆଣିଲେ । ପରେ, ଯେତେବେଳେ ଗୋଟିଏ ହିଂସ୍ର ଜନ୍ତୁ ପଛରୁ ଆସିଲା, ସେତେବେଳେ ପିତା ନିଜ ପୁଅକୁ ଆଗକୁ ନେଇ ଆସିଲେ, ଯେତେବେଳେ ଉଭୟ ପାର୍ଶ୍ୱରୁ ବିପଦ ଆସିଲା, ସେତେବେଳେ ପିତା ନିଜ ପୁଅକୁ ନିଜ କାନ୍ଧ ଉପରକୁ ଉଠାଇ ସୁରକ୍ଷିତ ଭାବରେ ତାକୁ ବୋହି ଚାଲିଲେ ।



ପିତା ନିଜ ପୁଅକୁ କାନ୍ଧରେ ବସାଇ, ସୁରକ୍ଷିତ ଭାବରେ ବୋହି ଚାଲିଲେ

ଠିକ୍ ସେହିପରି ଭାବରେ, ଆମର ସ୍ୱର୍ଗୀୟ ପିତା ଆମକୁ ସୁରକ୍ଷା ଦିଅନ୍ତି । କେତେ ବେଳେ ତାଙ୍କୁ ଆମର ଆଗେ ଆଗେ, କେତେବେଳେ ଆମର ପଛେ ପଛେ ଯିବାକୁ ହେବ, ପୁଣି କେତେବେଳେ ଆମକୁ ବୋହି ନେବାକୁ ହେବ, ତାହା ସେ ଜାଣନ୍ତି ।

ଈଶ୍ୱରଙ୍କୁ ଆପଣଙ୍କ ଯୁଦ୍ଧରେ ଯୁଦ୍ଧ କରିବାକୁ ଦିଅନ୍ତୁ । ସେ ସୈନ୍ୟାଧିପତି ସଦାପ୍ରଭୁ ଅଟନ୍ତି ।

## ଉପସଂହାର

''ଆଲୋକ ପ୍ରକାଶିତ ହୋଇଛି ଯେପରିକି ଆମେ ଆଲୋକ ହୋଇପାରିବା ।''

ଈଶ୍ୱର ଆମର ଆଲୋକ ଅଟନ୍ତି - ମାତ୍ର ଏହି ଅନ୍ଧକାର ଜଗତରେ ଆଲୋକ-ବାହକ ହେବା ପାଇଁ ସେ ଆମକୁ ମଧ୍ୟ ଆହ୍ୱାନ କରିଛନ୍ତି ।



ଏହି ଅନ୍ଧକାର ଜଗତରେ ଆଲୋକ-ବାହକ ହେବା ପାଇଁ ସେ ଆମକୁ ଆହ୍ୱାନ କରିଛନ୍ତି ।

''କିନ୍ତୁ ଯେ ତୁମ୍ଭମାନଙ୍କୁ ଅନ୍ଧକାରରୁ ଆପଣା ଆଶ୍ଚର୍ଯ୍ୟ ଆଲୋକ ମଧ୍ୟକୁ ଆହ୍ୱାନ କରିଅଛନ୍ତି...'' (୧ ପିତର ୨:୯) । ''ସେହି ପ୍ରକାରେ ତୁମ୍ଭମାନଙ୍କର ଆଲୋକ ଲୋକଙ୍କ ସାକ୍ଷାତ୍‌ରେ ପ୍ରକାଶ ପାଉ, ଯେପରି ସେମାନେ ତୁମ୍ଭମାନଙ୍କ ସତ୍କର୍ମ ଦେଖି ତୁମ୍ଭମାନଙ୍କ ସ୍ୱର୍ଗସ୍ଥ ପିତାଙ୍କର ମହିମା କୀର୍ତ୍ତନ କରିବେ'' (ମାଥିଉ ୫:୧୬) ।

ଆମର ଜୀବନ ଈଶ୍ୱରଙ୍କ ଉତ୍ତମତା ଓ ସତ୍ୟକୁ ପ୍ରତିଫଳିତ କରିବା ଉଚିତ୍ । ଆପଣଙ୍କର କାର୍ଯ୍ୟ ଆପଣଙ୍କ ବାକ୍ୟ ଅପେକ୍ଷା ଉଚ୍ଚ ସ୍ୱରରେ କଥା କହୁ । ଅନ୍ୟମାନେ ଆପଣଙ୍କର ଦୟା, କାର୍ଯ୍ୟ ଓ ନିଷ୍ଠା ମାଧ୍ୟମରେ ଖ୍ରୀଷ୍ଟଙ୍କୁ ଦେଖନ୍ତୁ ।

ମୋର ପ୍ରିୟ ବନ୍ଧୁମାନେ, ଆପଣ ହୁଏତ ୨୦୨୬ରେ କ'ଣ ଅଛି, ତାହା ଜାଣନ୍ତି ନାହିଁ - ମାତ୍ର ଆପଣ ତାହାଙ୍କୁ ବିଶ୍ୱାସ କରିପାରିବେ, ଯିଏ ଏହାକୁ ଜାଣିଛନ୍ତି ।

''ଆସନ୍ତା କାଲି ବିଷୟରେ ଚିନ୍ତିତ ହୁଅ ନାହିଁ । କାରଣ କାଲି ନିଜେ ନିଜ ପାଇଁ ଚିନ୍ତା କରିବ'' (ମାଥିଉ ୬:୩୪) ।

ଆଜି ଆପଣଙ୍କର ଭାର ଯାହା ଥିଲେ ମଧ୍ୟ, ମନେରଖନ୍ତୁ, ଜଗତର ଜ୍ୟୋତି, ଯୀଶୁ ପ୍ରତ୍ୟେକ ଭୟ ଓ ଅନିଶ୍ଚିତତା ମଧ୍ୟରେ ଆଲୋକ ପ୍ରକାଶ କରିବେ ।

ତାଙ୍କର ଆଲୋକ ଆପଣଙ୍କର ଅନ୍ଧକାର ଅପେକ୍ଷା ଅଧିକ ଶକ୍ତିଶାଳୀ । ତାଙ୍କର ଶାନ୍ତି ଆପଣଙ୍କର କ୍ଳେଶ ଅପେକ୍ଷା ଅଧିକ ବଡ଼ ଅଟେ ଓ ତାଙ୍କର ଶକ୍ତି ଯେ କୌଣସି ବିରୋଧ ଅପେକ୍ଷା ଅଧିକ କ୍ଷମତାଶାଳୀ ଅଟେ ।

''କାରଣ ତୁମ୍ଭଠାରେ ଜୀବନର ନିର୍ଝର ଅଛି, ତୁମ୍ଭ ଦୀପ୍ତିରେ ଆମ୍ଭେମାନେ ଦୀପ୍ତି ଦେଖିବା'' (ଗୀତସଂହିତା ୩୬:୯) ।

*************


## ବିଜ୍ଞାପନ

ଆପଣମାନଙ୍କର ମୋବାଇଲ ଫୋନ୍‌ରେ ଆମର ମୋବାଇଲ ନମ୍ବରଗୁଡ଼ିକୁ
(୯୧-୯୮୪୧୦୬୨୮୫୮),
(୯୧-୯୮୪୧୨୬୨୮୫୮)
(ମୁଖ୍ୟ ନମ୍ବର) - ସଂରକ୍ଷିତ ରଖନ୍ତୁ ।
ସମ୍ପାଦକ

Posted at "Egmore RMS Patrika Channel" RNI NO. 70105/98, Postal Regn. No. TN/CH/(C)/198/24-26 WPP NO. TN/PMG(CCR)/WPP-265/24-26

## ଆହ୍ୱାନର ପ୍ରତିଧ୍ୱନି

**YouTube**

Please subscribe

ଦୟାକରି ଆପଣଙ୍କ ସମୟ ଅନୁସାରେ ''ଆହ୍ୱାନର ପ୍ରତିଧ୍ୱନି ୟୁ-ଟ୍ୟୁବ୍ ଚ୍ୟାନେଲ୍ ଦେଖନ୍ତୁ ଓ ଏହାର ସଭ୍ୟ ହୁଅନ୍ତୁ ।

–ସମ୍ପାଦକ –

## OUR BANK DETAILS:

### 1. Bank : State Bank of India

Branch : **Triplicane, Chennai-5**
Name : **S. Sam Selva Raj**
A/C No. : **1023 2934 679**
IFSC : **SBIN 00 00 249**
SWIFT CODE : **SBI NIN BB 455**

### 2. Bank : ICICI Bank

Branch : **Anna Salai, Chennai-6**
Name : **Echo of His Call**
A/C No. : **6038 0502 2319**
IFSC : **ICIC 000 6038**

### 3. Bank : State Bank of India

**(This Account is for Tax Exemption for Indians only )**

Branch : **Triplicane, Chennai-5**
Name : **Echo of His Call Educational Trust**
A/C No. : **1023 2923 805**
IFSC : **SBIN 00 00 249**

**Google Pay: 98410 71858**
**PayPal : SAM SELVA RAJ**

*****

E.mail : sam@echoofhiscall.org

# ଆହ୍ୱାନର ପ୍ରତିଧ୍ୱନି

୧୬ଟି ଭାଷାରେ ମାସିକ ପତ୍ରିକା, ବାଇବଲ କଲେଜ, ଡାକ ମାଧ୍ୟମରେ ପାଠ୍ୟକ୍ରମ, ମଣ୍ଡଳୀ ପ୍ରତିଷ୍ଠା, ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ, ସୁସମାଚାର ଛାପାକଳ, ସୁସମାଚାର ପ୍ରଚାର ଅଭିଯାନ, ଶିକ୍ଷାଧିବେଶନ, ସାମାଜିକ ସେବା, ଇତ୍ୟାଦି ।

ବାର୍ଷିକ ଦେୟ – ଟ. ୧୦୦/– ଆଜୀବନ ସଭ୍ୟଚାନ୍ଦା – ଟଙ୍କା ୨୦୦୦

ଆହ୍ୱାନର ପ୍ରତିଧ୍ୱନି ବହୁମୁଖୀ ସେବାକାର୍ଯ୍ୟ ଆପଣଙ୍କ ଭଳି ଈଶ୍ୱରଙ୍କ ସନ୍ତାନମାନଙ୍କର ସ୍ୱେଚ୍ଛାଦାନ ଓ ଚାନ୍ଦା ଦ୍ୱାରା ସାହାଯ୍ୟପ୍ରାପ୍ତ ଅଟେ । ପ୍ରଭୁଙ୍କ ଚାଳନା ଅନୁସାରେ ଆପଣ 'ଆହ୍ୱାନର ପ୍ରତିଧ୍ୱନି' ଓ ଏହା କାର୍ଯ୍ୟ କଳାପକୁ ସହାୟତା ଦେଇପାରିବେ । ଆମେ ସୁସମାଚାର ପାଇ ନ ଥିବା ଲୋକମାନଙ୍କ ନିକଟରେ ଏହାକୁ ପହଞ୍ଚାଇବା ପାଇଁ ଓ ମଣ୍ଡଳୀ ପ୍ରତିଷ୍ଠା କରିବା ପାଇଁ ଆପଣମାନଙ୍କର ସାହାଯ୍ୟ ଆବଶ୍ୟକ କରୁଅଛୁ ।

ଯଦି ଆପଣମାନେ ନିୟମିତ ଭାବରେ ''ଆହ୍ୱାନର ପ୍ରତିଧ୍ୱନି'' ପାଇବାକୁ ଚାହୁଁଛନ୍ତି, ତେବେ ଦୟାକରି ଆମକୁ ଲେଖନ୍ତୁ । ଆପଣମାନେ ଆପଣମାନଙ୍କର ଠିକଣା କିମ୍ବା ଇ-ମେଲ୍ ପରିବର୍ତ୍ତନ କଲେ, ଦୟାକରି ଆମକୁ ଉଭୟ ପୁରୁଣା ଓ ନୂଆ ଠିକଣା ପଠାଇବେ ।

ଆମର ୱେବସାଇଟରେ ମଧ୍ୟ ''ଆହ୍ୱାନର ପ୍ରତିଧ୍ୱନି'' ୧୬ଟି ଭାଷାରେ ଉପଲବ୍ଧ ଅଟେ । ଆପଣମାନେ ସେହି ସାଇଟ୍‌ରେ ଏହାକୁ ପଢ଼ିପାରିବେ କିମ୍ବା ଏହାକୁ ଡାଉନ୍‌ଲୋଡ୍ କରି ଆଶୀର୍ବାଦ ପାଇପାରିବେ ।

ଆପଣମାନଙ୍କର ପତ୍ର, ପ୍ରାର୍ଥନା ଅନୁରୋଧ ଓ ଆପଣଙ୍କ ଅର୍ଥ ସାହାଯ୍ୟ (Money order, Cheque or Demand Drafts, NEFT, Paypal (Sam Selva Raj, sam@echoofhiscall.org), PhonePe (9841071858), Gpay (9841071858), Western Union, Money Gram ଇତ୍ୟାଦି ନିମ୍ନଲିଖିତ ଠିକଣାରେ ''ଆହ୍ୱାନର ପ୍ରତିଧ୍ୱନି'' କାର୍ଯ୍ୟାଳୟକୁ ପ୍ରେରଣ କରନ୍ତୁ ।

ଦୟାକରି ଆପଣଙ୍କର ନୂତନ ଲ୍ୟାଣ୍ଡ ଫୋନ/ମୋବାଇଲ୍ ଫୋନ୍ ନମ୍ବର ଓ ଇ-ମେଲ ଠିକଣା ଜଣାନ୍ତୁ ।

ଆମର ଠିକଣା :

**ECHO OF HIS CALL**

10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA
PH: (+91-44) 2852 8282, 2852 9293, 2854 7766/ Cell: (+91) 98410 71852, 95661 31858 / E.mails: sam@echoofhiscall.org / biblecor@yahoo.co.in
Websites: www.echoofhiscall.org / www.stpaulsmatriculation.org

**YOU CAN SEND YOUR DONATION ONLINE ALSO**

**Regd. with the RNI No. 70105/98**
**Licenced to post without pre-payment**
**Postal Regn. No. TN/CH (C) /198/24-26**
**Licence No. WPP. No. TN/PMG(CCR)/WPP-265/24-26**
**Date of Publication: Third week of every month**
**Date of Posting : 17th & 18th of every month**
**Posted at "Egmore RMS Patrika Channel"**
**on 18th DECEMBER 2025.**
**If un-delivered please return to:**
**ECHO OF HIS CALL (ODIA)**
**P.O. Box No. 2957, Chepauk, Chennai - 600 005, INDIA.**
**Phone: (+ 91- 44) 2852 8282, 2852 9293, 2854 7766**

*JESUS LOVES YOU!*

To

*GOD BLESS YOU!*

Owned and published by **S. Sam Selva Raj** from New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005 and printed by **S. Sam Selva Raj** at **Echo of His Call Printers,** New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005. Editor: **S. Sam Selva Raj.**